ସକାଳ THE SAKALA



### ବନାଗ୍ନି ରୋକିବା ପାଇଁ ମକର ସଂକ୍ରାନ୍ତିରୁ ଅଭିଯାନ

# ଉପଖଣ୍ଡ କର୍ମଚାରୀଙ୍କୁ ଦିଆଗଲା ତାଲିମ

**ବାରିପଦା, ୧୧।୧(ସମିସ)**




ଶିମିଳିପାଳ ଅଭୟାରଣ୍ୟ ସମେତ ଜିଲ୍ଲାର ଅନ୍ୟ ଜଙ୍ଗଲକୁ ବନାଗ୍ନି ଦାଉରୁ ସୁରକ୍ଷା ପାଇଁ ବାରିପଦା ବନଖଣ୍ଡ ପକ୍ଷରୁ ଗୁରୁବାର ବନ କର୍ମଚାରୀଙ୍କ ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଏଫଓ ସନ୍ତୋଷ କୁମାର ଯୋଶୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ବନ ସଂରକ୍ଷକ ରବିନାରାୟଣ ମହାନ୍ତି ଏବଂ ଅତିରିକ୍ତ ବନ ସଂରକ୍ଷକ ଅରୁଣ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ନିଆଁ ଦାଉରୁ ଶିମିଳିପାଳ ଅଭୟାରଣ୍ୟ ଓ ସଂଲଗ୍ନ ସଂରକ୍ଷିତ ଜଙ୍ଗଲକୁ କିପରି ସୁରକ୍ଷା ଦିଆଯାଇପାରିବ ସେ ନେଇ ପ୍ରସ୍ତୁତ ହୋଇଥିବା ମାଷ୍ଟର ପ୍ଲାନକୁ ନେଇ ଆଲୋଚନା ହୋଇଛି। ବନାଗ୍ନି ନିୟନ୍ତ୍ରଣ ପାଇଁ ସ୍ଥାନୀୟ ଲୋକଙ୍କ ଜରିଆରେ ସଚେତନ ସୃଷ୍ଟି କରିବା ମୁଖ୍ୟ ବିଷୟ। ତେଣୁ ସେ ବାବଦରେ ବନ କର୍ମଚାରୀଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରି ତାଲିମ ପ୍ରଦାନ କରାଯାଇଛି। ପ୍ରଥମ ଥର ପାଇଁ ବନଖଣ୍ଡ ଅଧିକାରୀ ଶ୍ରୀ ଯୋଶୀ ବନାଗ୍ନି ନିୟନ୍ତ୍ରଣର ଉପାୟ କ୍ଷେତ୍ର କର୍ମଚାରୀଙ୍କ ପାଖରୁ ଗ୍ରହଣ କରିଥିଲେ। ସାଧାରଣତଃ ଲୋକମାନେ ଶିକାର ଉଦ୍ଦେଶ୍ୟରେ କିମ୍ବା ମହୁଲ ଫୁଲ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି। ତେବେ ଚଳିତ ଋତୁରେ ବନାଗ୍ନି ଘଟଣାକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବା ପାଇଁ ଜାନୁଆରୀ ୧୫ରୁ ସଚେତନତା ଅଭିଯାନ ଆରମ୍ଭ ହେବ। ବନ ବିଭାଗ ପକ୍ଷରୁ ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହାୟତାରେ ବ୍ୟାପକ ସଚେତନତା ସୃଷ୍ଟି କରିବା ନେଇ ବୈଠକରେ ଆଲୋଚନା ହୋଇଛି। ଫାୟାର ପଏଣ୍ଟଗୁଡିକୁ ନେଇ ଏକ ମ୍ୟାପ ପ୍ରସ୍ତୁତ ହୋଇଛି। ଯାହାକୁ ପ୍ରତି ରେଞ୍ଜ ଅନୁଯାୟୀ କର୍ମଚାରୀଙ୍କୁ ଫାୟାର ପଏଣ୍ଟ ବାବଦରେ ଜଣାଇବା ସହ ଉକ୍ତ ସ୍ଥାନ ପ୍ରତି ସଜାଗ ରହିବାକୁ କୁହାଯାଇଛି। ବନାଗ୍ନି ସ୍ଥିତିକୁ ନିୟନ୍ତ୍ରଣ ପାଇଁ ବାରିପଦା ବନଖଣ୍ଡ ପକ୍ଷରୁ ୮ଟି ନୂତନକୁ ମିଶାଇ ସମୁଦାୟ ୧୦୮ଟି ବ୍ଲୟର ମେସିନ ବନ କର୍ମଚାରୀଙ୍କୁ ପ୍ରଦାନ କରାଯାଇଛି। ଯାଦ୍ୱାରା ଶୃଙ୍ଖଳା ପତ୍ରଗଦାରେ ଫାୟାର ଲାଇନ ପ୍ରସ୍ତୁତ କରି ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରାଯିବ। ସେଥିପାଇଁ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାରିପଦା ବନଖଣ୍ଡର ବିଭିନ୍ନ ରେଞ୍ଜର ଅଧିକାରୀ, ଫରେଷ୍ଟର ଓ ଗାର୍ଡ ସମେତ ଅନ୍ୟାନ୍ୟ ବନ କର୍ମଚାରୀ ଯୋଗ ଦେଇଥିଲେ।

## ଯୁବ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ବାରିପଦା, ୧୧।୧(ସମିସ):** ସହିଦ ସ୍ମୃତି ଭବନ ପରିସରରେ 'ନୂଆ-ଓ' ଆନୁକୂଲ୍ୟରେ ଚାଲିଥିବା ବାରିପଦା ପୌର ପରିଷଦସ୍ତରୀୟ ଯୁବ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। କିଛି ଦିନ ପୂର୍ବରୁ ୧୪ରୁ ୩୫ ବର୍ଷ ବୟସର ପୁରୁଷ ଓ ମହିଳା ଦଳ ଗଠନ କରାଯାଇ କ୍ରିକେଟ, ଫୁଟବଲ, ଭଲିବଲ, କବାଡି ଓ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରୁ ପ୍ରତ୍ୟେକ ଖେଳର ଶ୍ରେଷ୍ଠ ୪ଟି ଦଳକୁ ଆଜି ପୁରସ୍କୃତ କରାଯାଇଛି। ଚାମ୍ପିଅନ ଦଳକୁ ୨୦ ହଜାର ଓ ଟ୍ରଫି, ୧ମ ରନର୍ସ ଅପ ଦଳକୁ ୧୫ ହଜାର, ୨ୟ ରନର୍ସ ଅପ (୧) ଓ ୨ୟ ରନର୍ସ ଅପ (୨)କୁ ୧୦ ହଜାର ଲେଖାଏଁ ନଗଦ ରାଶି ପ୍ରଦାନ କରାଯାଇଛି। ଏଥିସହିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରକାଶ କରିଥିଲେ। ନଗରପାଳ ଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡଃ ଦେବାଶିଷ ମାର୍ଣ୍ଡି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ ଓ ସମସ୍ତ କାଉନସିଲ ସଭ୍ୟ ଉପସ୍ଥିତ ଥିଲେ। ସୋମନାଥ ସିଂହ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। ପୁରୁଷ ବିଭାଗ କ୍ରିକେଟରେ ଫ୍ରେଣ୍ଡସ ଉଇନିୟନ ଡି ଆର କେ ଟାଇଗର୍ସ, ମୟୁରଭଞ୍ଜ ରୟାଲସ, ବିଜେଏମସିସି, ମହିଳା ବିଭାଗରେ ମୟୂରଭଞ୍ଜ ହିଟ, ଏମକେସି ଗାର୍ଲସ, ବଲାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ପୁରୁଷ ବିଭାଗ ଫୁଟବଲରେ ପିସିଆଇଟିଆଇ ଟପ ସ୍କିଲସ, ଏମପିସି ଅଟନୋମସ କଲେଜ, ଆଇମେନ କାଜୋଲ ଏଫସି, ଲେଡି ହେମିଲଟନ ୱାରିଅର, ପୁରୁଷ ଭଲିବଲରେ ମା' କୀଚକେଶରୀ ଭଲିବଲ ଏକାଡେମୀ, ମୁସକାନ, ଏମପିସି ଅଟୋନମସ କଲେଜ, ବାରିପଦା ହାୟର ସେକଣ୍ଡାରୀ ସ୍କୁଲ, ମହିଳା ବିଭାଗରେ ସରକାରୀ ମହିଳା ମହାବିଦ୍ୟାଳୟ, କ୍ରାଉନ ୱାରିଅର, ବାରିପଦା ହାଇଆର ସେକଣ୍ଡାରୀ ସ୍କୁଲ, ବଲାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୁରୁଷ କବାଡିରେ ଏମ ମହାବୀର, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ, କେ ଭି ଲେଜିଆନ୍ସ, ବଏଜ କବାଡି, ମହିଳା ବିଭାଗରେ ଏମପିସି ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ଏମକେସି ଉଚ୍ଚବିଦ୍ୟାଳୟ, ବଲାଙ୍ଗୀ ୱାରିଅାର, ପୁରୁଷ ଖୋ ଖୋରେ ପ୍ରତିଭା ହଷ୍ଟେଲ, ବାରିପଦା ଏମପିଏଲ, ଟି ଟି ଆଇ ତକତପୁର, ରୁରାଲ ଇଲେଭେନ କେକେ ଟିମ, ମହିଳା ବିଭାଗରେ ଟିମ ବାରିପଦା, ମୟୂରଭଞ୍ଜ ଟାଇଗର୍ସ, ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗୀ ୱାରିଅର ଯଥାକ୍ରମେ ୧ମ, ୨ୟ, ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ।

## କ୍ରିକେଟ ଟିମ୍ ଚୟନ ଶିବିର



**ବାରିପଦା, ୧୧।୧(ସମିସ):** ବାରିପଦା ଷ୍ଟାଡିୟମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କ୍ରିକେଟ ଟିମ ଚୟନ ନିମନ୍ତେ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୨୮ ଜଣ ଖେଳାଳି ଯୋଗ ଦେଇଛନ୍ତି। ଏହି ୨୮ ଜଣ ଖେଳାଳିଙ୍କ ମଧ୍ୟରୁ ମୋଟ ୧୭ ଜଣିଆ କ୍ରିକେଟ ଟିମ ଚୟନ କରାଯିବ। ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲ ସେକ୍ରେଟାରୀ ଡ଼କ୍ଟର ପ୍ରଭଞ୍ଜନ ମଲ୍ଲିକ କ୍ରିକେଟ ଟିମ ଚୟନ ଶିବିରକୁ ଉଦଘାଟନ କରିଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନାସୀ ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ତଥା ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଦୀପ କୁମାର ନାୟକ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ମଦନ ମୋହନ ସାହୁ, ବିଶ୍ୱବିଦ୍ୟାଳୟ ଖେଳ ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାଶ, ଚୟନ କମିଟି ମେମ୍ବର ରଞ୍ଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରବୃତ୍ତି ଆବେଦନ ପାଇଁ ମିଳିଲା ସୁଯୋଗ

## ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଲେ ଛାତ୍ରଛାତ୍ରୀ



**ବାରିପଦା, ୧୧।୧(ସମିସ):** ରାଜ୍ୟ ଛାତ୍ରବୃତ୍ତି ଆବେଦନ ପାଇଁ ଛାତ୍ରଛାତ୍ରୀଙ୍କୁ ସୁଯୋଗ ମିଳିଛି। ମାସ୍ ଆଦିବାସୀ ରିଭଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ପକ୍ଷରୁ ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଏ ନେଇ ସଚିବାଳୟରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ବାରିପଦାର ତକତପୁରଠାରେ ବିଭିନ୍ନ କଲେଜର ଛାତ୍ର ପ୍ରତିନିଧିମାନେ ଅର୍ଜୁନଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶ ଥାଉକି, ଚଳିତ ଶିକ୍ଷାବର୍ଷ ଷ୍ଟେଟ୍ ସ୍କଲରସିପ୍ ପୋର୍ଟାଲରେ କେବଳ କିଛି ମନୋନୀତ ସରକାରୀ କଲେଜ ପାଇଁ ଛାତ୍ରବୃତ୍ତି ଆବେଦନର ବିକଳ୍ପ ରହିଥିଲା। ଫଳରେ ଅନ୍ୟ କଲେଜର ଛାତ୍ରଛାତ୍ରୀ ଆବେଦନ କରିବାରୁ ବଞ୍ଚିତ ହେଉଥିଲେ। ଏ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ମାରିସା ପକ୍ଷରୁ ଗତ ୨୯ ତାରିଖରେ ମୟୂରଭଞ୍ଜର ସମସ୍ତ କଲେଜ୍ ବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଘଟଣା ବାବଦରେ ସଚିବାଳୟଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ ଏବଂ ଉପନିର୍ଦ୍ଦେଶିକା ସଂଘମିତ୍ରା ଦାସଙ୍କ ନିକଟରେ ଦାବି କରାଯାଇଥିଲା। ତେବେ ଦାବିକୁ ରାଜ୍ୟ ସରକାର ଦୃଷ୍ଟିରେ ରଖି ସ୍କଲରସିପ୍ ପୋର୍ଟାଲରେ ଆବଶ୍ୟକୀୟ ପରିବର୍ତ୍ତନ କ୍ରାଇ ବେସରକାରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅନଲାଇନ୍ ଆବେଦନର ସୁଯୋଗ ପ୍ରଦାନ କରିବା ସହ ଛାତ୍ରବୃତ୍ତି ଆବେଦନ ସମୟ ସୀମା ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

### ଦୁଷ୍କର୍ମ ପୀଡ଼ିତାଙ୍କ ଅଭିଯୋଗ ଗ୍ରହଣ କଲାନି ପୁଲିସ

## ନ୍ୟାୟ ପାଇଁ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ

**ବାରିପଦା/କୁଳିଅଣା, ୧୧।୧(ସମିସ):** ଦୁଷ୍କର୍ମର ଶିକାର ଜଣେ ଅବିବାହିତା ଦିବ୍ୟାଙ୍ଗ ପୀଡିତା ୮ମାସର ଅନ୍ତଃସତ୍ତ୍ୱା ହେବା ନେଇ ପରିବାର ଲୋକେ ଚାନ୍ଦୁଆ ଥାନାରେ ଅଭିଯୋଗ କରିଥିଲେ; ହେଲେ ଥାନା ତାଙ୍କ ଅଭିଯୋଗ ଗ୍ରହଣ ନ କରିବାରୁ ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୀଡିତା ଏବଂ ତାଙ୍କ ପରିବାରବର୍ଗ। ପ୍ରକାଶ ଯେ, ଚାନ୍ଦୁଆ ଥାନା ଅନ୍ତର୍ଗତ ଏକ ଗ୍ରାମର ୩୨ବର୍ଷୀୟ ଜୈନିକା ଅବିବାହିତ ଦିବ୍ୟାଙ୍ଗ ଯୁବତୀଙ୍କୁ ଉକ୍ତ ଗ୍ରାମର ସୁକୁରା ସିଂ(୫୨) ଦୁଷ୍କର୍ମ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ୮ମାସ ପୂର୍ବେ ଦିବ୍ୟାଙ୍ଗ ଜଣକ ଗ୍ରାମ ପୋଖରୀରେ ଗାଧୋଇବାକୁ ଯାଇଥିବାବେଳେ ସୁକୁରା ଜୋର ଜବରଦସ୍ତ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା। ପୀଡିତା ସ୍ପଷ୍ଟ ଭାବରେ କଥା କହି ପାରୁନଥିବା ବେଳେ ଏ ନେଇ ପରିବାର ଲୋକଙ୍କୁ ଜଣାଇଲେ ଜୀବନରୁ ମାରିଦେବ ବୋଲି ସୁକୁରା ଧମକ ଦେଇଥିଲା। ହେଲେ ଯୁବତୀଙ୍କ ପେଟ ଫୁଲିବାରୁ ଘଟଣା ବାବଦରେ ପରିବାର ଲୋକେ ଜାଣିଥିଲେ। ସେତେବେଳକୁ ପୀଡିତା ଜଣକ ୮ମାସର ଅନ୍ତଃସତ୍ତ୍ୱା ହୋଇ ସାରିଥିଲେ। ପରେ ଏ ନେଇ ପରିବାର ଲୋକେ ଚାନ୍ଦୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଚାନ୍ଦୁଆ ଥାନାରେ ଅଭିଯୋଗପତ୍ର ଗ୍ରହଣ କରି ନ ଥିଲା। ତେଣୁ ନ୍ୟାୟ ପାଇଁ ଗୁରୁବାର ବାରିପଦା ଏସପିଙ୍କ କାର୍ଯ୍ୟାଳୟରେ ପରିବାର ଲୋକଙ୍କ ସହ ସେ ପହଞ୍ଚିଥିଲେ। ଏସପି ଏସ ସୁଶ୍ରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ଉମାଶଙ୍କର ମହାରଣାଙ୍କୁ ଭେଟି ଘଟଣା ବାବଦରେ ଜଣାଇବା ସହ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଏସପି ଶ୍ରୀ ମହାରଣ ଚାନ୍ଦୁଆ ଥାନା ଅଧିକାରୀଙ୍କୁ ଫୋନ କରି ମାମଲା ରୁଜୁ ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପୁଲିସ ଗାଡିରେ ପୀଡିତା ଏବଂ ପରିବାର ଲୋକଙ୍କୁ ଘରକୁ ପଠାଇବାର ବ୍ୟବସ୍ଥା କରିଥିଲେ।

### ଲୋକକଳାର ପ୍ରଚାର ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା

## ପ୍ରଚାର ହେବ ସରକାରଙ୍କ ଜନହିତକର ଯୋଜନା




**ବାରିପଦା, ୧୧।୧(ସମିସ):** ଓଡ଼ିଶାର ପାରମ୍ପରିକ ଲୋକକଳା ମାଧ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ମାନ ପ୍ରଚାର କରିବା ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାରିପଦା ସ୍ଥିତ ଜିଲ୍ଲା ସଂସ୍କୃତି ଭବନରେ ଗୁରୁବାର ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀଙ୍କ ସଞ୍ଚାଳନାରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଜ୍ୟ ସଂଯୋଜକ ଜ୍ଞାନପ୍ରକାଶ କାନୁନଗୋ ଉଦଘାଟିତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଓ ରାଜ୍ୟ ସଂସ୍କୃତି ବିଭାଗ ବରିଷ୍ଠ ପରାମର୍ଶଦାତା ରଶ୍ମିରଞ୍ଜନ ନାୟକ ଯୋଗଦାନ କରି ସମସ୍ତ କଳାକାର ଓ ନୋଡାଲ ଅଫିସରଙ୍କୁ ଏହି କାର୍ଯ୍ୟକ୍ରମର ମାର୍ଗଦର୍ଶିକା ବିଷୟରେ ଅବଗତ କରାଇଥିଲେ। ସୂଚନା ଥାଉକି, ପୂର୍ବରୁ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ୧୧ଟି ଯୋଜନା ପାଇଁ ଜିଲ୍ଲାର ଏବଂ ବ୍ଲକର ସମସ୍ତ କଳାକାରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସରକାର ଆଉ ୪ଟି ଯୋଜନା ଯଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ, ଆମ ବ୍ୟାଙ୍କ, ଐତିହସ୍ଥଳୀ ବିକାଶ ଓ ଲକ୍ଷ୍ମୀ ବସ ସେବାର ପ୍ରଚାର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ଉକ୍ତ ରାଜ୍ୟସ୍ତରୀୟ ପ୍ରଚାର ଅଭିଯାନ ଜାନୁଆରୀ ତୃତୀୟ ସପ୍ତାହରେ ଆରମ୍ଭ ହେବାର ଯୋଜନା ରହିଛି। ରାଜ୍ୟସ୍ତରରେ ସମସ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଜିଲ୍ଲା ସଂସ୍କୃତି ସଂଘର ଉପସଭାପତିଙ୍କ ପ୍ରଶିକ୍ଷଣ ତଥା ଆଲୋଚନା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ପ୍ରତ୍ୟେକ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦଳ ଦିନକୁ ୩ଟି କାର୍ଯ୍ୟକ୍ରମ ପରିବେଷଣ କରିବେ ଏବଂ ପ୍ରଥମ କାର୍ଯ୍ୟକ୍ରମ ପୂର୍ବାହ୍ନ ୯ଟା, ୨ୟ କାର୍ଯ୍ୟକ୍ରମ ଦିନ ୧୧ଟା ଏବଂ ୩ୟ କାର୍ଯ୍ୟକ୍ରମ ଅପରାହ୍ନରେ ପରିବେଷଣ କରିବେ। ସେହିପରି ପ୍ରତ୍ୟେକ ପଞ୍ଚାୟତରେ ଏହି କାର୍ଯ୍ୟ ତଦାରଖ ପାଇଁ ଜଣେ ଲେଖାଏଁ ନୋଡାଲ ଅଫିସର ରହିବେ ଏବଂ କାର୍ଯ୍ୟକ୍ରମର ବିବରଣୀ ଜିଲ୍ଲା, ରାଜ୍ୟସ୍ତରକୁ ପଠାଇବେ। ବ୍ଲକରେ ଦୁଇ ସ୍ତରରେ ତାଲିମ ପାଇଁ ୨୫ ହଜାର ଲେଖାଏଁ ବ୍ୟବସ୍ଥା ମଧ୍ୟ ରହିଛି। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରେ ଏହି ପ୍ରଶିକ୍ଷଣ କର୍ମଶାଳା ବିଡ଼ିଓ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। କର୍ମଶାଳାରେ ସମସ୍ତ ନୋଡାଲ ଅଫିସର, ଜିଲ୍ଲାର ସମସ୍ତ କଳାକାର ସଂଘ ଉପସଭାପତି ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମୟୂରୀ ରୟାଲ୍‌ସ ପ୍ରିମିୟର ଲିଗ୍ କ୍ରିକେଟ୍; ଭିରୋର୍ ଓ ସ୍ମାସର ଦଳ ବିଜୟୀ



**ବାରିପଦା, ୧୧।୧(ସମିସ):** ଷ୍ଟେସନ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଷ୍ଟେସନ ପଡ଼ିଆରେ ଚାଲିଥିବା ମୟୂରୀ ରୟାଲସ୍ ପ୍ରିମିୟର୍ ଲିଗ୍ କ୍ରିକେଟ ପ୍ରତିଯୋଗିତାର ୧୦ମ ଦିନରେ ପ୍ରଥମ କ୍ୱାଲିଫାୟର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ସ୍ମାସର ଦଳ ଜଗନ୍ନାଥ ୱାରିୟସର୍ ଦଳକୁ ୬୩ ରନ୍‌ରେ ପରାସ୍ତ କରିଥିଲା। ରଥୁ ନାୟକ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ଟି ଏଲିମିନେଟର୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଭି ରୋର ଦଳ ଏମର୍ଜିଙ୍ଗ ଟାଇଟନ ଦଳକୁ ୯ ୱିକେଟ୍‌ରେ ପରାସ୍ତ କରିଥିଲା।। ଅନୁପ ପରିଡ଼ା ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ଶେଷରେ ଅତିଥି ଭାବେ ଷ୍ଟେସନ ଆଥେଲେଟିକ ଆସୋସିଏସନ୍‌ର ସମସ୍ତ ପୁରାତନ ସଦସ୍ୟଙ୍କୁ ଆମନ୍ତ୍ରିତ କରାଯାଇଥିଲା। ସେମାନେ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅମ୍ପାୟାର ଭାବେ ଇନ୍ଦ୍ରଜିତ ପ୍ରସାଦ, ପ୍ରବୀର୍ ମୋଦି ପରିଚାଳନା କରିଥିବା ବେଳେ ରାଜେଶ ସାହୁ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଥିଲେ।

## ଦୁଇ ବାଲି ବୋଝେଇ ଟ୍ରାକ୍ଟର ଜବତ; ଚାଳକ ଗିରଫ

**ବାରିପଦା, ୧୧।୧(ସମିସ):** ବାରିପଦା ସଦର ଥାନା ପୁଲିସ ଦ୍ୱାରା ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏଥି ସହିତ ଦୁଇ ଜଣ ଟ୍ରାକ୍ଟର ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି; ଯାହାକୁ ନିୟନ୍ତ୍ରଣ କରିବାରେ ରାଜସ୍ୱ ବିଭାଗ ଫେଲ ମାରିଛି।



ଏହି କ୍ରମେ ବାରିପଦା ସଦର ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ବଜ୍ରତୁଣ୍ଡି ଅଞ୍ଚଳରୁ ଦୁଇଟି ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ପଚରା ଉଚରା କରିଥିଲା। ବେଆଇନ ଭାବେ ଲଘୁ ଖଣିଜ ଚୋରା ଚାଲାଣ କରୁଥିବା ଜାଣିବା ପରେ ଦୁଇଟି ଟ୍ରାକ୍ଟରକୁ ଜବତ କରିବା ସହ ଦୁଇ ଚାଳକକୁ ଗିରଫ କରିଥିଲେ। ଏହାକୁ ନେଇ ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଗୃହ ନିର୍ମାଣ ସମବାୟ ସମିତି ବୈଠକ

**ବାରିପଦା, ୧୧।୧(ସମିସ):** ଅନୁବିଭାଗୀୟ ଗୃହନିର୍ମାଣ ସମବାୟ ସମିତି ଲିଃର ସଭାପତି ବୀରେନ୍ଦ୍ର ନାଥ ବସାଙ୍କ ସଭାପତିତ୍ୱରେ ସମିତିର ପରିଚାଳନା ପରିଷଦର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୟୂରଭଞ୍ଜ ଜିଲ୍ଲାର ଉପନିବନ୍ଧକ (ଡିଆରସିଏସ) କୃଷ୍ଣଚନ୍ଦ୍ର ଦାସ ଯୋଗ ଦେଇ ସମିତିର ବ୍ୟବସାୟ ବଢ଼ାଇବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବୈଠକରେ ସଭ୍ୟ ନରୋତମ ପାଣିଗ୍ରାହୀ, ଆଶିଷ କୁମାର ସାମଲ, ଲକ୍ଷ୍ମୀ ସାହୁ, ବନିତା ଦାସ, ଉଷା ରଞ୍ଜନ ବାରିକ, ଚିତ୍ତରଞ୍ଜନ ମିଶ୍ର, ତିମିର ଘୋଷ, ପୃଥ୍ୱୀରାଜ ଦାସ, ସୁକାନ୍ତ ମହାନ୍ତି, କାହ୍ନୁଚରଣ ବେହେରା, ରତନ ଆଢ୍ୟ ଓ ମୋହନ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସ୍ନାତକ ମହାବିଦ୍ୟାଳୟରେ ଆଲୋଚନାଚକ୍ର




**ଶୁକ୍ଳି, ୧୧।୧(ସମିସ):** ଶୁକ୍ଳି ସ୍ନାତକ ମହାବିଦ୍ୟାଳୟରେ ଗୁରୁବାର 'ନୂଆ-ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆରମ୍ଭ ହୋଇଛି। ଆଜି ଦ୍ୱିତୀୟ ଦିବସରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ଓଡ଼ିଆ ଜନ ଜୀବନରେ ଶ୍ରୀ ଜଗନ୍ନାଥ ସଂସ୍କୃତି' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦର ପ୍ରଚାରକ ବିଶିଷ୍ଟ ଶିକ୍ଷାବିତ ଅଭିମନ୍ୟୁ ମହାନ୍ତ ଆଲୋଚକଭାବେ ଯୋଗଦେଇଥିଲେ। ଅଧକ୍ଷ ସଂଗ୍ରାମ କେଶରୀ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସି. ପି. କଲେଜ ଭଞ୍ଜକିଆର ଅଧକ୍ଷ ସୁବୋଧ ବାରିକ, ବିଶିଷ୍ଟ ଶିକ୍ଷାବିତ ପ୍ରଶାନ୍ତ କୁମାର ମହାନ୍ତି, ମହାବିଦ୍ୟାଳୟର ସଭାପତି ମନ୍ମଥ କୁମାର ଭୋଇ, ଶିକ୍ଷାବିତ ବୁଧୁରାମ ମହାନ୍ତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପକ ଜନାର୍ଦ୍ଦନ ମହାନ୍ତ ଅତିଥି ପରିଚୟ ଓ ଅଧ୍ୟାପକ ସରୋଜ କୁମାର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ଓ ସଂସ୍କୃତି ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

ଦ୍ୱାଦଶାହ ଦିବସ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ପାବର୍ତୀ ଦାଶ
ଆବିର୍ଭାବ: ୦୧.୦୧.୧୯୨୫
ତିରୋଧାନ: ୦୧.୦୧.୨୦୨୪
ନନ୍ଦକିଶୋରପୁର, ଯାଜପୁର
ହେ ପୁଣ୍ୟାତ୍ମା ତାହୁଁ ତାହୁଁ ବାରଦିନ ବିତିଗଲା କିନ୍ତୁ ଆପଣଙ୍କ ଅନୁପସ୍ଥିତି ସବୁ ସମୟରେ ଅନୁଭବ କରୁଛୁ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ପୁତ୍ର- ନିଳକଣ୍ଠ ଦାଶ, ବୋହୂ- ଅନ୍ନପୂର୍ଣ୍ଣା, ନାତି- ଇଂ ବିଶ୍ୱନାଥ, ଇଂ ଅନ୍ତର୍ଯ୍ୟାମୀ, ନାତୁଣୀ ବୋହୂ- ବବଲି, କୁନି, ନାତୁଣୀ- ଅଞ୍ଜଳି, ନାତୁଣୀ ଜୋଇଁ- ପ୍ରଦୀପ୍ତ ତ୍ରିପାଠୀ, ପଣ ନାତି- ଶ୍ରେୟାଂଶ, ଆଦିତ୍ୟ ନାରାୟଣ, ପଣ ନାତୁଣୀ- ନିରୋଷା, ତ୍ରିଶିକା, ଝିଅ- ଶାନ୍ତିଲତା, ନାତି - ଆଶୁତୋଷ, ଚିତ୍ତରଞ୍ଜନ, ଜ୍ୟୋତିରଞ୍ଜନ, ନାତୁଣୀ ବୋହୂ- ସ୍ୱଚ୍ଛି, ବବିନା, ମାମାଲି

୨୫ ତମ ଶ୍ରାଦ୍ଧବାର୍ଷିକୀ

ଆବିର୍ଭାବ
୨୩.୧୦.୧୯୪୧
ତିରୋଧାନ
୧୮.୧୨.୧୯୯୮
✓ ଶଶୀଭୂଷଣ ମହାପାତ୍ର
ବୀରନରସିଂହପୁର, ପୁରୀ
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ୨୫ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।
ଶୋକସନ୍ତପ୍ତ
ପତ୍ନୀ - ସୁପ୍ରଭା, ଶୁଭେନ୍ଦୁ ଓ ସସ୍ମିତା, ସ୍ମିତା ଓ ମନୋଜ, ସ୍ୱିଗ୍ଧା ଓ ଅନୁପ, ସ୍ୱପ୍ନା ଓ ଅଶୋକ, ନେହା, ଶୁଭମ୍, ହାନା, ନିଶି, ଗୁନ୍‌ଗୁନ୍, ଆୟୁଷ, ନିଧି, ଅଭିଷେକ, କିନୋ, ବନ୍ଧୁ ଓ ପରିବାରବର୍ଗ
ପ୍ଲଟ୍ ନଂ-ପିପି-୪୬, ପାଣ୍ଡବ ନଗର, ଭୁବନେଶ୍ୱର

# କେନ୍ଦୁଝର-ବାଦାମପାହାଡ଼ ରେଲଲାଇନ୍ ପାଇଁ ସରିଲା ସର୍ଭେ

## ସାମିଲ ହେବ ବୁଢ଼ୀକାପୁଡ଼ି, ଚେମେଣା ବାଉଁଶୁଳି, ତୁରୁମୁଙ୍ଗା, ଖିରେଇଟାଙ୍ଗିରି ପଞ୍ଚାୟତ

ତୁରୁମୁଙ୍ଗା,୧୧।୧(ସମିସ)

ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ହେବ ରେଳ ସଂଯୋଗ। ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଠାରୁ କେନ୍ଦୁଝର ଜିଲ୍ଲାକୁ ସିଧାସଳଖ ସଂଯୋଗ ହେବ। ଏନେଇ କେନ୍ଦ୍ରୀୟ ଟିମ୍ ପକ୍ଷରୁ ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଦୀର୍ଘ ବର୍ଷ ହେଲା କେନ୍ଦୁଝରଠାରୁ ବାଦାମପାହାଡ଼କୁ ରେଳଲାଇନ ସଂଯୋଗୀକରଣ ପାଇଁ ଦାବି ହୋଇ ଆସୁଥିଲା। ଉଭୟ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦାବି ଏବେ ପୂରଣ ହେବାକୁ ଯାଉଛି। ଏହାରି ଭିତରେ କେନ୍ଦ୍ର ସରକାର ତରଫରୁ ଏକ ଟିମ୍ ସର୍ଭେ କାର୍ଯ୍ୟ ଶେଷ କରିଛନ୍ତି। ଏହି ସର୍ଭେରେ କେନ୍ଦୁଝରଠାରୁ ବାଦାମପାହାଡ଼ ପର୍ଯ୍ୟନ୍ତ ୮୦ କିଲୋମିଟର ରାସ୍ତା ରହିଛି। ଏହି ରେଳଲାଇନ ଗଲେ ୪୨୮.୧୯ ହେକ୍ଟର ଜମି ଆବଶ୍ୟକତା ରହିଥିବା ବେଳେ କେନ୍ଦୁଝର ଠାରୁ ବାଦାମପାହାଡ଼ ମଧ୍ୟରେ ଏଥିରେ ୯ଟି ମେଜର ପୋଲ ଏବଂ ୬୨ ମାଇନର ପୋଲ ଆବଶ୍ୟକ ପଡିବ ବୋଲି କେନ୍ଦ୍ରୀୟ ଟିମ୍ ସର୍ଭେରେ ଦର୍ଶାଇଛନ୍ତି। କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକର ବୁଢ଼ୀକାପୁଡ଼ି, ତୁରୁମୁଙ୍ଗା, ଚେମେଣା, ବାଉଁଶୁଳି ଓ ଖିରେଇଟାଙ୍ଗିରୀ ପଞ୍ଚାୟତ ଅଞ୍ଚଳ ଦେଇ ରେଳଲାଇନ ଯିବ। କେନ୍ଦୁଝର ଠାରୁ ବାଦାମପାହାଡ଼ ମଧ୍ୟରେ ମୋଟ ୮ଟି ରେଳଷ୍ଟେସନ ରହୁଥିବା ବେଳେ ଏଥିରେ କେନ୍ଦୁଝର ଜଙ୍କସନ୍ ଠାରୁ ଆରମ୍ଭ କରି ପାଟଣା ବ୍ଲକର ଖିରେଇଟାଙ୍ଗୀରୀ ଓ ଚେମେଣାରେ ଷ୍ଟେସନ ରହିବ। ଏଥି ସହ ମୟୂରଭଞ୍ଜର ଘୋଷଦା, ସିଙ୍ଗିଡା, ଟଙ୍ଗାବିଲା, କଳାସବନ୍ଧ ଏବଂ ବାଦାମପାହାଡ଼ ଷ୍ଟେସନ ରହିବ। ଏହି ସର୍ଭେ ରିପୋର୍ଟ ଆସନ୍ତା ଅଗଷ୍ଟ ୩୧ରେ କେନ୍ଦ୍ରୀୟ ଟିମ୍ ରେଲୱେ ବୋର୍ଡରେ ଦାଖଲ କରିବେ ବୋଲି ଯଶିପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ଏହା ପରେ କେନ୍ଦ୍ର ସରକାର କେନ୍ଦୁଝର ଏବଂ ବାଦାମପାହାଡ଼କୁ ରେଳଲାଇନ ସଂଯୋଗୀକରଣ ପାଇଁ ଘୋଷଣା କରିବେ ବୋଲି ସୂଚନା ରହିଛି।

ସୂଚନା ଯୋଗ୍ୟ ମୟୂରଭଞ୍ଜ ଜିଲ୍ଲାର ଐତିହାସିକ ସ୍ଥାନ ଖିଚିଂ ମନ୍ଦିରକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ୨୦୦୯ ମସିହାରେ ବାଦାମପାହାଡ଼ରୁ କେନ୍ଦୁଝର ପର୍ଯ୍ୟନ୍ତ ୮୫ କିଲୋମିଟର ରେଳଲାଇନ ସଂଯୋଗୀକରଣ ପାଇଁ ଜମିର ସର୍ଭେ ରିପୋର୍ଟ ପ୍ରଦାନ କରିବାକୁ ଉଭୟ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାପାଳକୁ ଚିଠି ଲେଖିଥିଲେ। ଗତ ୨୦୦୯ ମସିହା ଅଗଷ୍ଟ ୧୦ ତାରିଖରେ ଚିଠି ଆସିଥିଲେ ମଧ୍ୟ ସେ ଭଳି କୌଣସି କାର୍ଯ୍ୟ ହୋଇ ନଥିଲା। ଯାହା ଫଳରେ ଅଞ୍ଚଳବାସୀ ନିରାଶ ହୋଇଥିଲେ। ପୁଣି ସର୍ଭେ କାର୍ଯ୍ୟ ଶେଷ ହୋଇଥିବାରୁ ଉଭୟ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଅନ୍ୟପଟେ ମୟୂରଭଞ୍ଜ ଜିଲ୍ଲାର ସିଙ୍ଗିଡା ଆଉ ଘୋଷଦା ମଧ୍ୟରେ ଖୁବ କମ ଦୂରତାରେ ଦୁଇଟି ଷ୍ଟେସନ ନକରି ପାଟଣା ବ୍ଲକର ତୁରୁମୁଙ୍ଗାଠାରେ ଷ୍ଟେସନ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ତୁରୁମୁଙ୍ଗା ଠାରେ ଷ୍ଟେସନ କରାଗଲେ କେନ୍ଦୁଝର ଜିଲ୍ଲାର ୪ ବ୍ଲକ ପାଟଣା, ଚମ୍ପୁଆ, ଝୁମ୍ପୁରା, ଓ ସାହାରପଡା ବ୍ଲକର ଲୋକଙ୍କ ପାଇଁ ଗମନା ଗମନ ସୁଗମ ହେବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଆନନ୍ଦପୁର କଲେଜରେ ଛାତ୍ର ଅଶାନ୍ତି



**ଆନନ୍ଦପୁର,୧୧।୧(ସମିସ):** ଆନନ୍ଦପୁର ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦାବିକୁ ଉପେକ୍ଷା କରାଯାଉଥିବା ପ୍ରତିବାଦରେ ଆଜି ଛାତ୍ରଛାତ୍ରୀ ଶ୍ରେଣୀ ବର୍ଜନ କରିବା ଘଟଣାରେ ସାମୟିକ ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ଆନନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତିକୁ ନିୟନ୍ତ୍ରଣ। ଛାତ୍ରଛାତ୍ରୀ ଶ୍ରେଣୀ ବର୍ଜନ କରି ପ୍ରାୟ ୨ଘଣ୍ଟା କାଳ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷଙ୍କ କାର୍ଯ୍ୟକଳାପକୁ ନେଇ ପ୍ରତିବାଦ କରିଥିଲେ।

ମିଳିଥିବା ସୂଚନାନୁଯାୟୀ, ଆନନ୍ଦପୁର ମହାବିଦ୍ୟାଳୟରେ ଗତ ପ୍ରାୟ ୫ ବର୍ଷ ଧରି କୌଣସି ଉତ୍ସବ, ସଭାସମିତି ଓ ମନୋରଞ୍ଜନ କାର୍ଯ୍ୟକ୍ରମ ହେଉନଥିବାରୁ ଛାତ୍ରଛାତ୍ରୀ ଅସନ୍ତୋଷ ବ୍ୟକ୍ତ କରିଆସୁଥିବା ବେଳେ ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଛାତ୍ର ପ୍ରତିନିଧି ସତ୍ୟଜିତ ଜେନା, ସୌମ୍ୟରଞ୍ଜନ ମଲିକ, ଶୁଭମ ପାଢୀ, ସତ୍ୟଜିତ ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ସାହୁ, ଜ୍ଞାନ ରଞ୍ଜନ ହାତୀ ପ୍ରମୁଖ ଦୁଇ ଦୁଇ ଥର ଦାବିପତ୍ର ପ୍ରଦାନ କରି ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରିଥିଲେ। ତେବେ ଛାତ୍ରଛାତ୍ରୀଙ୍କ ଦାବିରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଆଜି ମହାବିଦ୍ୟାଳୟ ପରିସରରେ ଏପରି ପରିସ୍ଥିତି ଉପୁଜିଥିବା ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ଡିସେମ୍ବର ମାସର ଶେଷ ସପ୍ତାହରେ ଉତ୍ସବ ପାଳନ କରାଯିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ କହିଥିବା ବେଳେ ଏଯାଏ କୌଣସି ପ୍ରସ୍ତୁତି ହେଉନଥିବାରୁ ଛାତ୍ରଛାତ୍ରୀ ଆଜି ଶ୍ରେଣୀ ବର୍ଜନ କରିଥିବା ଜଣାଯାଇଛି।

## ମକର ପାଇଁ ଚଳଚଞ୍ଚଳ ରାମତୀର୍ଥ

**ଚମ୍ପୁଆ, ୧୧।୧(ସମିସ):** ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ଗୋଧୁଳୀ ଠାରେ ପୂଣ୍ୟତୋୟା ବୈତରଣୀ କୂଳରେ ଅବସ୍ଥିତ ରାମତୀର୍ଥ ମକର ପାଇଁ ଚଳଚଞ୍ଚଳ



ହୋଇଉଠିବା ସହିତ ସାଜସଜା ଆରମ୍ଭ ହୋଇଗଲାଣି। ଆସନ୍ତା ୧୪ ତାରିଖ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଗଣପର୍ବ ଭାବେ ପାଳନ ହୋଇଆସୁଥିବା ମକର ପର୍ବ ଏଠାରେ ମହାଆଡମ୍ବର ସହକାରେ ପାଳନ ହେବ। ଏହି ପର୍ବ ପାଳନ ପାଇଁ ବିଶ୍ୱରୂପାୟ ମହାଦେବ ମନ୍ଦିର ସଜେଇ ଉଠିଥିବା ବେଳେ ଜନସାଧାରଣ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନାନାବିଧି ସୁବିଧା ଆଦି କରାଯାଇଥିବା ଦେଖିବାକୁ ମିଳିଛି। ଦ୍ୱିତୀୟ ଗଙ୍ଗା ଭାବେ ପରିଚିତ ଏହି ବୈତରଣୀ ନଦୀର ରାମତୀର୍ଥ ଠାରେ ଉକ୍ତ ଦିନ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଉଥିବାରୁ ସ୍ନାନ ଘାଟ, ଯାନବାହାନ ରହଣୀ ସୁବିଧା, ମେଳା ପାଇଁ ବସିବାକୁ ଥିବା ଦୋକାନ ବଜାରର ସୁବ୍ୟବସ୍ଥା, ଶୃଙ୍ଖଳିତ ଦେବ ଦର୍ଶନ ଓ ପୂଜା ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସଭାପତି ସୁରେନ୍ଦ୍ର ନାଏକ ସୂଚନା ଦେଇଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଥିବାରୁ ଏଥିପାଇଁ କମିଟି ପୋଲିସ ଓ ଅଗ୍ନିଶମ ବିଭାଗର ସହାୟତା ଗ୍ରହଣ କରି ମେଳା ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ନାଏକ ସୂଚନା ଦେଇଛନ୍ତି।

## ଖଡ଼ିବିଲରେ ମା’ ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଆନନ୍ଦପୁର, ୧୧।୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଇଲୋ ପଞ୍ଚାୟତର ଖଡ଼ିବିଲ ଗ୍ରାମରେ ୧୩ତମ ମା’ ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚରେ ଭାଟସିରାର କୁଶଭଦ୍ରା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୮ ଓଭର ଓ ୩ ୱିକେଟରେ ୧୫୭ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ନୀଳକଣ୍ଠପୁର କ୍ରିକେଟ କ୍ଲବ ୮ ଓଭରରେ ୭୨ ରନ୍ କରି ପରାଜୟ ସ୍ୱୀକାର କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ଧକୋଠା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୭ ଓଭର ୮ ୱିକେଟରେ ୬୭ ରନ୍ କରିଥିବା ବେଳେ ଜବାବରେ ଫକୀରପୁର କ୍ରିକେଟ କ୍ଲବ ୫ ଓଭରରେ ୬୮ ରନ୍ ସଂଗ୍ରହ କରି ବିଜୟ ହୋଇଥିଲା। ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଭାଟିସିରା ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୭ ଓିକେଟ ହରାଇ ୫୩ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ଫକୀରପୁର ଦଳ ୬ ଓଭର ରେ ୩ ୱିକେଟ ହରାଇ ୫୭ ରନ୍ କରି ବିଜୟୀ ହୋଇଛି। ଆୟୋଜକ କମିଟିର ସଭାପତି ସୁରେଶ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଘସିପୁରା ଥାନା ଅଧିକାରୀ, ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ରେଞ୍ଜର ନବ କିଶୋର ନାୟକ, ପରିଧାନ ବ୍ୟବସାୟିକ ଅନୁଷ୍ଠାନର ସତ୍ତ୍ୱାଧିକାରୀ ରାଜେଶ କୁମାର ପୁରୋହିତ, ଶିକ୍ଷକ ତପନ କୁମାର ଜେନା, ଦୀପକ କୁମାର ବେହେରା, ସବିତା ଓଝା, ସାମ୍ବାଦିକ ସ୍ମୃତିରଞ୍ଜନ ବିହାରୀ ଓ ଉପେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଖେଳକୁ ଅମ୍ପାୟାର ଭାବେ ସୂର୍ଯ୍ୟମଣୀ ଜେନା, ଚିନ୍ମୟ କୁମାର ଜେନା, ବିଚିତ୍ର ପେରେଇ ଓ ସ୍କୋରର ଭାବେ ପାପୀ ଚରଣ ଜେନା, ରାଜେଶ ପେରେଇ ଓ ଧାରା ବିବରଣୀରେ ସୁରେଶ ଜେନା ସହଯୋଗ କରିଥିଲେ। ଖେଳକୁ କ୍ଲବ ସଦସ୍ୟ ପ୍ରଶାନ୍ତ କୁମାର ଜେନା, ମକରନ୍ଦ ଜେନା, ଲିଟୁନୁ ଜେନା, ଆଲୋକ ଜେନା, ସୌମ୍ୟରଞ୍ଜନ ଜେନା, ସୁନୀଲ ଦଳେଇ, ରାଜକିଶୋର ଜେନା, ଚନ୍ଦନ ଜେନା, ବାସୁଦେବ ଜେନା, ରିଙ୍କୁ ଜେନା, ସୁଶୀଲ ଜେନା, ଜଗନ ଜେନା, ଚିରଞ୍ଜିବୀ ଜେନା, ସୁବ୍ରତ ଜେନା, ସନ୍ତୋଷ ପେରେଇ, ଫୁକୁନୁ ଜେନା, ସଞ୍ଜୟ କୁମାର ଜେନା, ଶକ୍ତିରଞ୍ଜନ ପେରେଇ, ଅରବିନ୍ଦ ଜେନା, ଦେବବ୍ରତ ପେରେଇ, ବିଶ୍ୱଜିତ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ

**ହାଟଡିହି, ୧୧।୧(ସମିସ):** ହାଟଡିହି ବ୍ଲକ ବଞ୍ଚୋ ସ୍ଥିତ ମା’ ବରାହୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି।ପ୍ରଧାନଶିକ୍ଷକସତ୍ୟାନନ୍ଦବେହେରା ଆନୁଷ୍ଠାନିକ ଭାବେ ଏହି କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନର ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହି ଖେଳରେ ଶିକ୍ଷକ ସୂର୍ଯ୍ୟପ୍ରକାଶ ସେଠୀ, ସିଆର୍‌ସିସି ନିହାର ରଞ୍ଜନ ସ୍ୱାଇଁ, ତପନ କୁମାର ନାୟକ, ଟାଟା ଅସ୍ମେୟାର ଶିକ୍ଷୟିତ୍ରି ବିନୋଦିନୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଶାସନ ଘର ଭାଙ୍ଗିବାରୁ ବିଷ ପିଇଦେଲେ ମହିଳା

**ହାଟଡିହି, ୧୧।୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ଗେଡ଼ମା ପଞ୍ଚାୟତ ଜଳସରପୁର ଗ୍ରାମରେ କୋର୍ଟର ନିର୍ଦ୍ଦେଶ କ୍ରମେ ଏକ ଘରକୁ ପ୍ରଶାସନ ଭାଙ୍ଗିଛି। ତେବେ ଏହାକୁ ନେଇ ଘରର ଜଣେ ମହିଳା ବିଷ ପିଇ ଦେଇଥିବା ଅଭିଯୋଗ ହୋଇଛି। ଜଳସରପୁର ଗ୍ରାମର ରଞ୍ଜନ ଧଳ ସରକାରୀ ଆବାସ ଯୋଜନାରେ ଏକ ପକ୍କାଘର ନିର୍ମାଣ କରିଥିଲେ। ଏହି ଘରକୁ ନେଇ ସେହି ଗ୍ରାମର ଅନ୍ତର୍ଯ୍ୟାମୀ ନାୟକଙ୍କ ପତ୍ନୀ ପ୍ରେମଲତା କୋର୍ଟର ଆଶ୍ରୟ ନେଇଥିଲେ। ଏହାକୁ ନେଇ କୋର୍ଟର ନିର୍ଦ୍ଦେଶ କ୍ରମେ ନନ୍ଦିପଦା ପୁଲିସ ଓ ହାଟଡିହି ତହସିଲ ପ୍ରଶାସନ ଉକ୍ତ ଘରକୁ ଆଜି ଭାଙ୍ଗିଦେଇଥିଲେ। ଏହାକୁ ନେଇ ରଞ୍ଜନ ଧଳଙ୍କ ପତ୍ନୀ କନକଲତା ନିଜର ଭାରସ୍ୟାମ ହରାଇ ବିଷ ପିଇ ଦେଇଥିଲେ।

## ଆଇଟି ଦକ୍ଷତା ତାଲିମ ଶିବିର




**ବାଲିବନ୍ଧ, ୧୧।୧ (ସମିସ):** ଓଡିଶା ସରକାରଙ୍କ ମିଶନଶକ୍ତି ବିଭାଗ ଓ ଓକେସିଏଲ୍ ଦ୍ୱାରା ଆରମ୍ଭ ହୋଇଥିବା ୨୦ ଦିନ ବ୍ୟାପୀ ଆଇଟି ଲିଟିରେସୀ, ଇ-ଗଭର୍ଣ୍ଣାସ୍ ଓ ଏକାଣ୍ଟାନ୍ସି ଆଧାରିତ କମ୍ପ୍ୟୁଟର ପାଠ୍ୟ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଝୁମ୍ପୁରାସ୍ଥିତ ସିଲିକନ୍‌ଭ୍ୟାଲି କମ୍ପ୍ୟୁଟର ଏକାଡେମୀ ଠାରେ ଅନୁଷ୍ଠିତ ତାଲିମ ଶିବିରରେ ଝୁମ୍ପୁରା ବ୍ଲକ ୨୨ଟି ପଞ୍ଚାୟତର ୨୨ ଜଣ ଏମ୍‌ବିକେ (ମାଷ୍ଟର ବୁକ୍ କିପର)ଙ୍କୁ ଓଡିଶା ରାଜ୍ୟ ଓପନ୍ ୟୁନିଭର୍ସସିଟି ଦ୍ୱାରା ଉଦ୍ଦିଷ୍ଟ ପାଠ୍ୟକ୍ରମ ଓଏସ୍‌ସିଆଇଟି ଦୈନିକ ୨ଘଣ୍ଟା ଥିଓରୀ ଓ ୨ଘଣ୍ଟା ପ୍ରାକ୍ଟିକାଲ ତାଲିମ୍ ପ୍ରଦାନ କରାଯାଇଥିଲା। ତେବେ ୨୨ଜଣଙ୍କ ମଧ୍ୟରୁ ୨୦ଜଣ ୯୮ ପ୍ରତିଶତ ନମ୍ବର ରଖି ପାସ୍ କରିଛନ୍ତି। ତନ୍ମଧ୍ୟରୁ ଅସନପାଟ ଏମ୍‌ବିକେ ରୁନି ନାଏକ ସର୍ବାଧିକ ନମ୍ବର ରଖି ପ୍ରଥମ ହୋଇଛନ୍ତି। ଏହି ଆଇଟି ଦକ୍ଷତା ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକର ଆର୍ଥିକ ନେଣଦେଣ ଆଦି କାର୍ଯ୍ୟ ଗୁଡିକର ତଥ୍ୟ ଗୁଡିକୁ ନିର୍ଭୁଲ ଭାବେ କମ୍ପ୍ୟୁଟରେ ସାଇତି ରଖିବା, ଦୈନିକ ଚିଠିପତ୍ର ପ୍ରଦାନ, ବ୍ୟାଙ୍କ ଗୁଡିକୁ ଅନ୍‌ଲାଇନ ମୁଦ୍ରା ପ୍ରେରଣ କରିବା, ଡକ୍ୟୁମେଣ୍ଟ ଲାଇବ୍ରେରୀ ଇତ୍ୟାଦି। ଜିଲ୍ଲା ମିଶନଶକ୍ତିର ଡିପିସି ଶିଶିର ଷଡ଼ଙ୍ଗୀ ଏବଂ ଏଫ୍‌ଆଇସି ମାୟାଧର ସାହୁ ପରିଦର୍ଶନ କରିଥିଲେ। ସ୍ଥାନୀୟ ବିଡିଓ ହୃଦାନନ୍ଦ ଅଡ଼ାମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଏଲ୍‌ସି ଅଏଲେମ ସନ୍ତୋଷ କୁମାର ନାଏକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିପିଏସିଏ ସୁଶାନ୍ତ ମହାରଣା, ବିଏଫ୍ ସମ୍ପାଦିକା ଝରଣାପାତ୍ର ଯୋଗ ଦେଇଥିଲେ। ବର୍ତ୍ତମାନ ସମାଜରେ ନାରୀମାନଙ୍କ କମ୍ପ୍ୟୁଟର ଶିକ୍ଷାରେ ଅଗ୍ରଣୀ ଭୂମିକା ଏକ ନୂଆ ଫର୍ଦ୍ଦ ଯୋଡି ହେବା ସହିତ ଉଲ୍ଲେଖଯୋଗ୍ୟ ସଫଳତା ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଶେଷରେ କମ୍ପ୍ୟୁଟର ଅନୁଷ୍ଠାନର ଅଧ୍ୟକ୍ଷ ଶୁକଦେବ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ



**ହାଟଡିହି, ୧୧।୧(ସମିସ):** ହାଟଡିହି ବ୍ଲକର ପଢିଆରୀପଲ୍ଲୀ ନୋଡାଲ ବିଦ୍ୟାଳୟର ପରିସରରେ ମହାପୁରୁଷ ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧୀ, ସୁବାସ ବୋଷ, ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିଙ୍କୁ ଅନାବରଣ କରାଯାଇଛି। ଏହି ଅନାବରଣ କାର୍ଯ୍ୟକ୍ରମ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଧନେଶ୍ୱର ଖଣ୍ଡେଇ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅଜିତ କୁମାର ରାଉତ, ଏବିଓ ପ୍ରମୋଦ କୁମାର ନାୟକ, ଶିକ୍ଷକ ଶଶିଭୂଷଣ ପୁହାଣ, ପୂର୍ବତନ ଖେଳ ଶିକ୍ଷକ ବୃନ୍ଦାବନ ରାଉତ ପ୍ରମୁଖ ଯୋଗ ଦେଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ରାଉତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ସମୟରେ କମିଟିର ଚେୟାରମ୍ୟାନ ଦଦନ ଜେନା ସମେତ ବହୁ କମିଟି ସଦସ୍ୟ ଓ ଅଭିଭାବକ ଉପସ୍ଥିତ ରହିଥିଲେ। ଶିକ୍ଷକ ସତ୍ୟ ନାରାୟଣ ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶିକ୍ଷକ ଜଗନ୍ନାଥ ସାହୁ, ଲିପ୍ସା ମୁଦ୍ରା ସାହୁ, ବିଶ୍ୱଜିତା ରାଉତ, ଭାଗ୍ୟଶ୍ରୀ ବାରିକ୍ ପ୍ରମୁଖ ସମସ୍ତଶିକ୍ଷକଶିକ୍ଷୟିତ୍ରୀସହଯୋଗକରିଥିଲେ।

## ପଢ଼ିଆରୀପଲ୍ଲୀରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ହାଟଡିହି, ୧୧।୧(ସମିସ):** ହାଟଡିହି ବ୍ଲକର ପଢିଆରୀପଲ୍ଲୀ ନୋଡାଲ ବିଦ୍ୟାଳୟରେ ବାର୍ଷୀକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଇଓ ଧନେଶ୍ୱର ଖଣ୍ଡେଇ, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ହାଡିବନ୍ଧୁ ଦେହୁରୀ, ସମ୍ମାନିତ ଅତିଥି ସରପଞ୍ଚ ଅଜିତ କୁମାର ରାଉତ, ଏବିଓ ପ୍ରମୋଦ କୁମାର ନାୟକ, ଶଶିଭୂଷଣ ପୁହାଣ, ପୂର୍ବତନ ଖେଳ ଶିକ୍ଷକ ବୃନ୍ଦାବନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମୟରେ ନିରାକାର ପାତ୍ର, କମିଟିର ଚେୟାରମ୍ୟାନ ଦଦନ ଜେନା ସମେତ ବହୁ କମିଟି ସଦସ୍ୟ ଓ ଅଭିଭାବକ ଉପସ୍ଥିତ ରହିଥିଲେ। ଶିକ୍ଷକ ସତ୍ୟନାରାୟଣ ଜେନା ସଂଯୋଜନା କରିଥିଲେ। ଶିକ୍ଷକ ଜଗନ୍ନାଥ ସାହୁ ଲିପ୍ସା ମୁଦ୍ରା ସାହୁ, ବିଶ୍ୱଜିତା ରାଉତ, ଭାଗ୍ୟଶ୍ରୀ ବାରିକ୍ ପ୍ରମୁଖ ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

● ଜମି ଓ ବ୍ୟାଙ୍କ ଋଣ କରାଇଦେବା ଆଳରେ ଅର୍ଥ ହଡ଼ପ

## ଥାନାରେ ଫେରାଦ ହେଲେ ମହିଳା

ଆନନ୍ଦପୁର,୧୧।୧(ସମିସ)

ଜମି ଓ ବ୍ୟାଙ୍କ ଋଣ କରାଇଦେବାକୁ କହି ଅର୍ଥ ଆଦାୟ କରିବା ଭଳି ଠକେଇ ଘଟଣାରେ ସଂପୃକ୍ତ ଦଲାଲଙ୍କୁ ଗିରଫ କରିବା ପାଇଁ ଆଜି ଫକୀରପୁର ଗ୍ରାମର ମହିଳମାନେ ଆନନ୍ଦପୁର ପୁଲିସକୁ ଫେରାର ହୋଇଥିବା ଜଣାଯାଇଛି। ତବେ ଘଟଣାର ତଦନ୍ତ କରାଯାଇ ଆବଶକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପୁଲିସ ପ୍ରତିଶ୍ରୁତି ଦେବା ପରେ ସେମାନେ ଫେରିଯାଇଥିଲେ। ଅଭିଯୋଗରୁ ମିଳିଥିବା ସୂଚନାନୁଯାୟୀ, ରୀନାରାଣୀ ମାଝୀ ନାମକ ଜନୈକ ମହିଳା ଲକ୍ଷାଧିକ ଟଙ୍କା ବ୍ୟାଙ୍କ ଋଣ କରାଇଦେବା ଓ କମ୍ ମୂଲ୍ୟରେ ଜମି ଯୋଗାଇ ଦେବା କଥା କହି ଫକୀରପୁରର ବିଭିନ୍ନ ସାହିବସ୍ତିରୁ ପ୍ରାୟ ଲକ୍ଷାଧିକ ଟଙ୍କା ଆଦାୟ କରି ନେଇଥିବା ବେଳେ ବର୍ତ୍ତମାନକୁ ବିଭିନ୍ନ ଆଳ ଦେଖାଇ ମହିଳାମାନଙ୍କ ଫୋନ ଉଠାଉନଥିବାରୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।



ପ୍ରତିବାଦରେ ଫକୀରପୁର ଗ୍ରାମର ଦିପ୍ତୀରାଣୀ ପରିଡା, ପଦ୍ମିନୀ ସେଠୀ, ବାସନ୍ତୀ ବେହେରା, ଝୁମୁରୀ ମାଝୀ, ଜଲି ଜେନା, ସୁକାନ୍ତି ରାଉତ, ମୋନାଲିସା ରାଉଳ, କାମିନୀ ବେହେରା, ଝୁନୁରାଣୀ ସାହୁ, କମଳା ନାୟକ, ରଞ୍ଜିତା ସାହୁ, ଲକ୍ଷ୍ମୀ ମାଝୀ, ମମତା ନାୟକ, ଅମ୍ବିକା ବେହେରା, ରଶ୍ମିଲତା ଓଝାଙ୍କ ସମେତ ଅନେକ ମହିଳା ଆଜି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମିଥ୍ୟା ପ୍ରଲୋଭନ ଦେଖାଇ ଅର୍ଥ ଆଦାୟ କରି ଠକିଥିବା ମହିଳାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମହିଳାମାନେ ଥାନାରେ ଦାବି କରିଥିବା ଜଣାଯାଇଛି।

## ଗ୍ୟାସ୍ ଟାଙ୍କିରୁ ନିଆଁଲାଗି ମହିଳା ମୃତ

**ହାଟଡିହି, ୧୧।୧(ସମିସ):** ହାଟଡିହି ବ୍ଲକ ବରଗମ୍ପାସ ଗ୍ରାମର ପିତାମ୍ବର ମଲ୍ଲିକଙ୍କ ସ୍ତ୍ରୀ ପାର୍ବତୀ ପରିବାର ସଦସ୍ୟଙ୍କ ପାଇଁ ରୋଷେଇ କରୁଥିବା ସମୟରେ ଅଚାନକ ଗ୍ୟାସ ଟାଙ୍କିରେ ନିଆଁ ଲାଗିଯାଇଥିଲା। ଫଳରେ ସେହି ଗ୍ୟାସର ନିଆଁ ପାର୍ବତୀଙ୍କ ପିନ୍ଧିଥିବା ଶାଢ଼ିରେ ଲାଗିବା ପରେ ସେ ଜୀବନ୍ତ ଦଗ୍ଧ ହୋଇ ମୃତ୍ୟୁବରଣ କରିଛନ୍ତି। ଖବର ପାଇ ନନ୍ଦିପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମେଡିକାଲକୁ ପଠାଇଛି।

## ପିଡିଏସ୍ ସାମଗ୍ରୀ ବଣ୍ଟନ ସମୀକ୍ଷା

**ହାଟଡିହି, ୧୧।୧(ସମିସ):** ହାଟଡିହି ବ୍ଲକର ବିଭିନ୍ନ ପଞ୍ଚାୟତରେ ପିଡିଏସ୍ ସାମଗ୍ରୀ ଠିକ୍ ଭାବେ ବଣ୍ଟନ ହୋଇପାରିନଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ସମୀକ୍ଷା ହୋଇଛି। ଉପଖଣ୍ଡ ଯୋଗାଣ ଅଧିକାରୀ ଧର୍ମପଦ ଦାସଙ୍କ ଅଧ୍ୟକ୍ଷତାରେ ନୂତନ ଭାବେ ଯୋଗାଣ ଅଧିକାରୀ ବନମାଳି ନାହାକ, ଲେବୁଲ-୨ କଣ୍ଟାକ୍ଟର ରଞ୍ଜନ କୁମାର ଦାସ , ଯୋଗାଣ ବିଭାଗର ଡିଇଓ ଜୀବନ ରାଉତ ପ୍ରମୁଖ ଯୋଗ ଦେଇ ପିଡିଏସ୍ ଚାଉଳର ସୁଷମ ବଣ୍ଟନ ଉପରେ ଗୁରୁତ୍ୱ ଦେଇଥିଲେ। ପୂର୍ବରୁ ଅନେକ ପଞ୍ଚାୟତରେ ହିତାଧିକାରୀ ଚାଉଳ ପାଇନଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେଣୁ ଯୋଗାଣକାରୀଙ୍କ ଠାରୁ କାହାର କେତେ ଚାଉଳ ପାଇବାର ବାକି ଅଛି ତାହାର ତାଲିକା ଦେବା ସହିତ ଆଗାମୀ ୫ଦିନ ଭିତରେ ସମସ୍ତଙ୍କ ଚାଉଳ ପ୍ରଦାନ କରିବାକୁ ଉପଖଣ୍ଡ ଯୋଗାଣ ଅଧିକାରି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସରପଞ୍ଚ ଦିନେଶ ସେଠୀ, ଅନ୍ତର୍ଯ୍ୟାମୀ ଖଣ୍ଡେଇ, ପିଇଓ ଜିତେନ୍ଦ୍ର ଜେନା, ମହକ୍ଟେର ସାହୁ, ଉମାକାନ୍ତ ନାୟକ, ଉର୍ମିଳା ମୁର୍ମୁ, ସୁରେଶ ସେଠୀ, ହରିହର ସେଠୀଙ୍କ ସମେତ ପିଡିଏସ୍ ବଣ୍ଟନ କରୁଥିବା ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପର ସଦସ୍ୟାମାନେ ଉପସ୍ଥିତ ଥିଲେ।

## ପୁଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ

**ତେଲକୋଇ,୧୧।୧(ସମିସ):** କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ତେଲକୋଇ ପୁଲିସ ପକ୍ଷରୁ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି କଡ଼ାକଡି ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ୪ ଦିନ ହେବ ଏହି ଯାଞ୍ଚରେ ୪ଲକ୍ଷ ୮୧ହଜାର ଅର୍ଥ ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ ୪୯ନଂ ଜାତୀୟ ରାଜପଥ ଜନସନପୁର ଟୋଲଗେଟ୍ ନିକଟର ଥାନା ଆଇଆଇସି ସରୋଜକାନ୍ତ ସାମଲ ନେତୃତ୍ୱରେ ଏସ୍‌ଆଇ ଅଗଷ୍ଟ ସ୍ୱାଧୀନ ସେଠୀ, ରତିରଞ୍ଜନ ସେଠୀ ସହ ପୁଲିସ ଟିମ୍ ସାମିଲ ହୋଇ ଯାଞ୍ଚ କରୁଛନ୍ତି। ଏହି ଯାଞ୍ଚ ପ୍ରକ୍ରିୟାରେ ବେଆଇନ ଗାଡ଼ି ପାର୍କିଂ, ସିଟ ବେଲ୍ଟ, ମୋଟର



ସାଇକଲ ହେଲମେଟ, ଭାରୀଯାନ ଚଳାଚଳ, ମଦ୍ୟପାନ କରି ଗାଡ଼ି ଚାଳନା ସହ ବନ୍ଧୁକ ଚୋରାଚାଲାଣ, ଚୋରା ବିଦେଶୀ ମଦ, ଗଞ୍ଜେଇ ଓ ବ୍ରାଉନ ସୁଗାର ଭଳି ଆଦି ଦ୍ରବ୍ୟ ଚାଲାଣ ଉପରେ କଡ଼ା ନଜର ରଖିଛି ପୁଲିସ। ତେବେ ଏହି ଯାଞ୍ଚ ପ୍ରକ୍ରିୟା ସମୟ ବ୍ୟବଧାନରେ ଚାଲୁ ରହିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଇଭିଏମ୍ ସଚେତନତା ଶିବିର




**ତୁରୁମୁଙ୍ଗା,୧୧।୧(ସମିସ):** ପାଟଣା ବ୍ଲକ ବୁଢ଼ୀକାପୁଡି ପଞ୍ଚାୟତରେ ଇଭିଏମ୍ ପ୍ରଦର୍ଶନ ସଚେତନତା ଶିବିର ଅନୁଷ୍ଠିତ ହେବା ସହ ଲୋକଙ୍କୁ ଇଭିଏମ୍ ଉପରେ ସଚେତନତା କରାଯାଇଥିଲା। ଏଥିରେ ବୁଢ଼ୀକାପୁଡି, ବେଲପଶି, ପୁରନ୍ଦରପୁର ଓ ତେନ୍ତେଳାର ପ୍ରତ୍ୟେକ ବୁଥରେ ୧ଶହ ଭୋଟର ଡେମନ ଷ୍ଟେସନ୍ ଭୋଟ ଦେଇ ଇଭିଏମ୍ ପରୀକ୍ଷା କରିଛନ୍ତି। ଏହା ଆସନ୍ତା ଜାନୁୟାରୀ ୩୧ ତାରିଖ ପର୍ଯ୍ୟନ୍ତ ପାଟଣା ବ୍ଲକ୍‌ରେ ଚାଲିବାକୁ ଥିବା ବେଳେ ପ୍ରତିଦିନ ଗୋଟେ ପଞ୍ଚାୟତର ୪ଟି ବୁଥରେ ଏଭଳି ଡେମଷ୍ଟ୍ରେଶନ ହେବ ବୋଲି ବିଡିଓ ଶିବଶଙ୍କର ମୁର୍ମୁ କହିଛନ୍ତି। ଇଭିଏମ ଡେମନଷ୍ଟ୍ରେଶନ ଟିମ୍‌ରେ ଆର୍‌ଆଇ ଶିବପ୍ରସାଦ ନାଏକ, ପିଇଓ ଅକ୍ଷୟ କୁମାର ସାହୁ, ଅର୍ଜୁନ ଦେହୁରୀ ପ୍ରମୁଖ ସାମିଲ ହୋଇ ଲୋକଙ୍କୁ ଇଭିଏମ୍ ଉପରେ ସଚେତନତା କରାଇଥିଲେ।

## ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ



**ଆନନ୍ଦପୁର,୧୧।୧(ସମିସ):** ଘସିପୁରା ବ୍ଲକ ଗଡ଼ବାନ୍ଧଗୋଡା ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ସୁଲୋଚନାଚକ୍ରଙ୍କର ଆଜି ପରଲୋକ ହୋଇଯାଇଛି। ସବୁ ଦିନ ପରି ସେ ଆଜି ନିତ୍ୟକର୍ମ ସାରି ଘରେ ବସିଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରି ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବରପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଡ଼ବାନ୍ଧଗୋଡ଼ା ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ପ୍ରାର୍ଥୀବ ଶରୀରକୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଇ ସର୍ଦ୍ଦାର ସ୍ୱର୍ଗଦ୍ୱାରରେ ଶବ ସତ୍କାର କରାଯାଇଥିଲା।

# ୧୩ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବେତନଟୀ ଗସ୍ତ

**ବେତନଟୀ,୧୧ ।୧(ସମିସ):** ଆସନ୍ତା ୧୩ ତାରିଖରେ ବେତନଟୀ ଆସୁଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ ମଣତାପାଳରେ ବିଏସଏନଏଲ ମୋବାଇଲ ଟାୱାର ଏବଂ ଏକ ଅଣ୍ଡରପାସ୍‌ର ଶିଳାନ୍ୟାସ କରିବେ। ଏଥିସହିତ ବେତନଟୀ ଷ୍ଟେସନରେ ଅନଲାଇନ ଟିକଟ ସଂରକ୍ଷଣ ପାଇଁ କଂପ୍ୟୁଟରୀକରଣ ବ୍ୟବସ୍ଥାର ମଧ୍ୟ ଶୁଭ ଉଦଘାଟନ କରିବେ। ପରେ ଆୟୋଜିତ ସଭାରେ ସାଧାରଣ ଜନତାଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ବଡସାହି ବିଧାୟକ ସନାତନ ବିଜୁଳି ମଣତାପାଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ବିଏସଏନଏଲ ପକ୍ଷରୁ ଜେନେରାଲ ମ୍ୟାନେଜର ପି.କେ ମହାପାତ୍ର, ଡିଜିଏମ ଏସ.ଏସ ଦାସଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କ ନନ୍ଦନକାନନ ଶିକ୍ଷଣୀୟ ଯାତ୍ରା

**ରାଇରଙ୍ଗପୁର,୧୧ ।୧(ସମିସ):** ବନ୍ୟ ପରିବେଶ ଏବଂ ପାଣିପାଗ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶରେ ପ୍ରଥମ ଥର ଉପରବେଡା ସରକାରୀ ୟୁପି ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷଣୀୟ ଯାତ୍ରା ପାଇଁ ନନ୍ଦନକାନନ ଗସ୍ତ କରିଥିଲେ। ବନ୍ୟ ସମ୍ପଦ ରକ୍ଷା କରିବା ଓ ପ୍ଲାଷ୍ଟିକ ମୁକ୍ତ କରିବା ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟ ଭାବନା ଜାଗ୍ରତ କରାଯାଇଥିଲା। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାଦ ରଥ, ବାଦାମପାହାଡ ରେଞ୍ଜର ରମାକାନ୍ତ ମାଝୀ, ଗବେଷକ ବିପିନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଯାତ୍ରା କାଳରେ ପ୍ରଥମେ ବନ ଅଧିକାରୀଙ୍କ ତରଫରୁ ଛାତ୍ରଛାତ୍ରୀଙ୍କୁ ବ୍ୟାଗ୍ ଓ ଟୋପି ବଣ୍ଟନ କରାଯାଇଥିଲା। ଏହା ପରେ କେନ୍ଦୁଝର ବନଖଣ୍ଡ ଘଟଗାଁ ରେଞ୍ଜର ପ୍ରଦୀପ କୁମାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଯାତ୍ରା କାଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଥିଲା। ପରେ ସେମାନେ ଅନୁଭୂତି ବଖାଣିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଖେଲାରାମ ହାଁସଦା, ପ୍ରଧାନ ଶିକ୍ଷକ ମନୋରଂଜନ ମୁର୍ମୁ, ଉପରବେଡା ଭିଏସ୍ଏସ୍ ସଭାପତି ନାଥୁରାମ ହେମ୍ବ୍ରମ୍, ଶିକ୍ଷୟତ୍ରୀ ସବିତା ମହାନ୍ତ, ଦୀପାଳି ମହାନ୍ତ, ଉର୍ମିଳା ଗିରି, ସୁମିତ୍ରା ଟୁଡୁ, ସୁଲନିନୀ ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ।

# ବାଇକ୍ ଚୋର ଗ୍ୟାଙ୍ଗ୍ ସକ୍ରିୟ

**ବୈଶିଙ୍ଗା,୧୧।୧ (ସମିସ):** ବୈଶିଙ୍ଗା ଥାନା ଅଧୀନ ଡାହିବାଡି ସାପ୍ତାହିକ ହାଟରୁ ବୁଧବାର ସନ୍ଧ୍ୟାରେ ଏକ ବାଇକ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଡାହିବାଡି ସାପ୍ତାହିକ ହାଟରେ ବୈଶିଙ୍ଗା ଥାନା ଅଧୀନ କୁଜିଗଡି ଗ୍ରାମର ମାଧବ କୁମାର ନାଥ ପରିବା କିଣିବା ପାଇଁ ଆସିଥିବା ବେଳେ ହାଟ ନିକଟରେ ତାଙ୍କର ବାଇକଟିକୁ ରଖିଥିଲେ। ତେବେ ହାଟ ଭିତର ସୁଯୋଗ ନେଇ ଚୋର ଗାଡିକୁ ନେଇ ଚମ୍ପଟ ମାରିଥିଲା। ପରିବାର କିଣି ସାରି ଗାଡି ରହିଥିବା ଜାଗାକୁ ଆସି ନିଜ ଗାଡି ନଥିବା ଦେଖିବାକୁ ପାଇଥିଲେ। ପରେ ସେ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ଅଣଆନୁଷ୍ଠାନିକ ସେବା ସଂକ୍ରାନ୍ତ ଜିଲ୍ଲାସ୍ତରୀୟ କର୍ମଶାଳା




**ବାରିପଦା, ୧୧।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ମିଶନ ବାତ୍ସଲ୍ୟ ଯୋଜନା ଅଧୀନରେ ଅଣଆନୁଷ୍ଠାନିକ ସେବା ସମ୍ପର୍କିତ ଏକ ଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ବୁଧବାର ପ୍ରୟାସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଘଡେଇ ଯୋଗଦେଇ ଶିଶୁଙ୍କ ପ୍ରତିପାଳନ ଯତ୍ନରେ କିପରି ଅଧିକରୁ ଅଧିକ ପରିବାରକୁ ଯୋଡା ଯାଇପାରିବ ଏବଂ ଶିଶୁମାନଙ୍କୁ ଅଣ ଆନୁଷ୍ଠାନିକ ସେବା ମାଧ୍ୟମରେ ସେବା ଯୋଗାଇ ଦିଆଯାଇପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ (ଅଣଆନୁଷ୍ଠାନିକ ସେବା) ଅମର କୁମାର ଦେ ଅଣଆନୁଷ୍ଠାନିକ ସେବା ଅନ୍ତର୍ଗତ ପ୍ରତିପାଳନ ଯତ୍ନ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ବିଭିନ୍ନ ଆଇନଗତ ବ୍ୟବସ୍ଥା ଓ ନିୟମ ସମୂହ ସମ୍ପର୍କରେ ପିପିଟି ମାଧ୍ୟମରେ ବିସ୍ତୃତ ଆଲୋଚନା କରିଥିଲେ। ୟୁନିଟର ପରାମର୍ଶଦାତା ଦିଲ୍ଲୀପ କୁମାର ପଣ୍ଡା ପ୍ରତିପାଳନ ଯତ୍ନ ଅଧୀନରେ କିପରି ପରିବାରମାନଙ୍କୁ ପ୍ରେରିତ କରି ଅଧିକରୁ ଅଧିକ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ୟୁନିଟର ସାମାଜିକ କର୍ମୀ ନରେନ୍ଦ୍ର ନାଥ ସି ଆଶୀର୍ବାଦ ଯୋଜନାରେ ହିତାଧିକାରୀମାନେ ଠିକ ଭାବରେ ଅର୍ଥରାଶି ପାଉଛନ୍ତି କି ନାହିଁ ସେ ନେଇ ମଧ୍ୟ ଆଲୋଚନା କରିଥିଲେ। ଶିଶୁ ମଙ୍ଗଳ ସମିତିର ସଦସ୍ୟ ଯଦୁମଣି ମହାନ୍ତ କର୍ମଶାଳାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଜିଲ୍ଲାର ସମନ୍ୱିତ ଶିଶୁ ବିକାଶ ଯୋଜନା (ଆସିଡିଏସ) ସୁପରଭାଇଜର ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ସମାଜସେବୀ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଦିଲ୍ଲୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଗେଣ୍ଡୁ ଫୁଲ ଚାଷକରି ଉଚ୍ଚଶିକ୍ଷିତା ସ୍ୱାବଲମ୍ବୀ

# ରୋଜଗାରକ୍ଷମ ସହ ମିଳିଛି ସ୍ୱତନ୍ତ୍ର ପରିଚୟ



**ବୈଶିଙ୍ଗା,୧୧।୧(ସମିସ)**

ବେତନଟୀ ବ୍ଲକ ଅନ୍ତର୍ଗତ ସନ୍ତରା ପଞ୍ଚାୟତ ମୁରକୁଣ୍ଡିଆ ଗ୍ରାମର ଅରୁଣ ପଣ୍ଡାଙ୍କ ବଡ ଝିଅ ଲଭଲିନ ପଣ୍ଡା ଗେଣ୍ଡୁ ଫୁଲ ଚାଷ କରି ନିଜେ ସ୍ୱାବଲମ୍ବୀ ହୋଇଛନ୍ତି। ସେ ଗ୍ରାମର ପିଲାଙ୍କୁ ପାଠ ପଢାଇବା ସହିତ ବଳକା ସମୟରେ ନିଜ ବାଡିରେ ଗେଣ୍ଡୁ ଫୁଲ ଚାଷ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରାୟ ୩ ଏକର ଜମିରେ ଗେଣ୍ଡୁଫୁଲ ଚାଷ କରି ନିଜେ ରୋଜଗାରକ୍ଷମ ହେବା ସହିତ ଗ୍ରାମର କିଛି ଯୁବକଙ୍କୁ ମଧ୍ୟ କାମ ଯୋଗାଇ ଦେଇଛନ୍ତି। ଲଭଲିନ ସ୍ନାତକ ପାସ୍ କରିବା ପରେ ଚାକିରି ପାଇଁ ଉଦ୍ୟମ କରିଥିଲେ; ମାତ୍ର ସରକାରୀ ଚାକିରି ନ ମିଳିବାରୁ ବାପାଙ୍କଠାରୁ ପରାମର୍ଶ ନେଇ ଗେଣ୍ଡୁଫୁଲ ଚାଷ ପ୍ରତି ଆକର୍ଷିତ ହୋଇଥିଲେ। ଗେଣ୍ଡୁ ଚାଷରେ କୌଣସି ରାସାୟନିକ ସାର କିମ୍ବା କୀଟନାଶକ ପ୍ରୟୋଗ ନ କରି ସମ୍ପୂର୍ଣ୍ଣ ଭାବେ ପାରମ୍ପରିକ ପଦ୍ଧତିରେ ଚାଷ କରିଛନ୍ତି। ପାଣି ଦେବା, ଘାସ ଲଟା ବାଛିବା ଓ ଫୁଲ ତୋଳିବା ଆଦି କାମ ପାଇଁ ଗ୍ରାମର କେତେଜଣ ଯୁବତୀଙ୍କୁ ମଧ୍ୟ ନିୟୋଜିତ କରିଛନ୍ତି। ତେବେ ଏକର ପ୍ରତି ୫୦/୬୦ ହଜାର ଟଙ୍କାର ଫୁଲ ବିକ୍ରି ହେଉଥିବା ସେ ପ୍ରକାଶ କରିଛନ୍ତି। ସେ ବୈଶିଙ୍ଗା, ବେତନଟୀ, ବାଲେଶ୍ୱର ଏବଂ ବାରିପଦା ଆଦି ଅଞ୍ଚଳକୁ ଫୁଲ ପଠାଉଛନ୍ତି। କମ ଖର୍ଚ୍ଚ ଓ କମ ପରିଶ୍ରମରେ ଏହା ହେଉଥିବାରୁ ଭଲ ଦି ପଇସା ରୋଜଗାର ହେଉଥିବା ସେ ପ୍ରକାଶ କରିଛନ୍ତି। ଏହି ଚାଷ ପାଇଁ ସେ କୌଣସି ସରକାରୀ ସହାୟତା ପାଇ ନ ଥିବା କହିଛନ୍ତି। ଫୁଲ ଚାରା ଲଗାଇବାର ଦେଢ ମାସ ସମୟରୁ ଫୁଲ ଅମଳ ହୋଇ ପ୍ରାୟ ତିନି ମାସ ପର୍ଯ୍ୟନ୍ତ ଅମଳ ହେଉଛି। ଫୁଲ କିଲୋ ପ୍ରତି ୪୦/୫୦ ଟଙ୍କାରେ ବିକ୍ରି ହେଉଛି। କମ ଖର୍ଚ୍ଚରେ ଲକ୍ଷାଧିକ ଟଙ୍କାର ଆୟ ହେଉଥିବାରୁ ଗେଣ୍ଡୁଫୁଲ ଚାଷ କରି ଅଞ୍ଚଳରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମୟୁରଭଞ୍ଜ ଜିଲ୍ଲାରେ ବାପା ଜଣେ ସଫଳ ଚାଷୀ ହୋଇଥିବାରୁ ତାଙ୍କ ପରାମର୍ଶରେ ଲଭଲିନ ଫୁଲ ଚାଷ କରି ରୋଜଗାରକ୍ଷମ ହେବା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଓଡିଶା ଗେଣ୍ଡୁଫୁଲ ପାଇଁ କଲକାତା ଓ ବାଙ୍ଗାଲୋର ଉପରେ ନିର୍ଭର କରୁଥିବାରୁ ଏଠାରେ ଚାଷ କଲେ ଭଲ ଦି ପଇସା ମିଳିବ ଭାବି ଏହି ଚାଷ କରିଥିବା ପ୍ରକାଶ କରିଛନ୍ତି। ସରକାରୀ ସହାୟତା ମିଳିଲେ ଏଥିପ୍ରତି ଆହୁରି ଅନେକ ଶିକ୍ଷିତ ଯୁବକଯୁବତୀ ଆକୃଷ୍ଟ ହେବେ ବୋଲି ଯୁବ ଚାଷୀ ଲଭଲିନ କହିଛନ୍ତି।

# ରାସାୟନିକ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତ ମକ୍‌ଡ୍ରିଲ୍



**ରାଇରଙ୍ଗପୁର,୧୧ ।୧(ସମିସ):** ରାସାୟନିକ ବିପର୍ଯ୍ୟୟ ଯୋଗୁଁ ଘଟୁଥିବା ଆକସ୍ମିକ ଦୁର୍ଘଟଣାରୁ ଜୀବନ ରକ୍ଷା ପାଇଁ ପ୍ରତରୋଧକ କଳା କୌଶଳର ପ୍ରଦର୍ଶନ କରାଯାଇଛି। ସନବଣୀ ସ୍ଥିତ ଡ଼ାଇନା ଫୋମ୍ସ ଶିଳ୍ପାଞ୍ଚଳ ପରିସରରେ ଏ ସଂକ୍ରାନ୍ତ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଦ୍ରୁତ ଶିଳ୍ପାୟନ ପାଇଁ ଅନେକ ସମୟରେ ବିଭିନ୍ନ କାରଖାନାରେ ଯାନ୍ତ୍ରିକ ତ୍ରୁଟି ପାଇଁ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ବିଷାକ୍ତ ରାସାୟନିକ ପଦାର୍ଥର ନିର୍ଗତ ହେତୁ ଏହାର ପ୍ରତିକ୍ରିୟାରେ ଆକସ୍ମିକ ବିପର୍ଯ୍ୟୟ ଘଟୁଛି। ଫଳରେ କାରଖାନାରେ ନିୟୋଜିତ କର୍ମଚାରୀ ବିପର୍ଯ୍ୟୟର ଶିକାର ହେଉଛନ୍ତି। ଏପରିକି ବେଳେ ବେଳେ ଅନେକଙ୍କ ମୂଲ୍ୟବାନ ଜୀବନ ଚାଲିଯାଉଛି। ତେଣୁ ଏହି ରାସାୟନିକ ପ୍ରତିକ୍ରିୟାକୁ ପ୍ରତିରୋଧ କରି ବିପର୍ଯ୍ୟୟ ସମୟରେ ଭୟଭୀତ ନ ହୋଇ ଏହାକୁ ପରିଚାଳନା କରି ସେଥିରୁ କିପରି ରକ୍ଷାବେ ସେ ନେଇ ଏହି ମକଡ୍ରିଲ କରାଯାଉଛି। ମକଡ୍ରିଲ ମାଧ୍ୟମରେ ଓଡ୍ରାଫ୍ଟ ଟିମ, ଅଗ୍ନିଶମ ବିଭାଗ, ଟାଟା ପାୱାର ଆଦି ସମୟରେ ଉଦ୍ଧାର କାର୍ଯ୍ୟ ସମ୍ବନ୍ଧୀୟ କଳା କୌଶଳ ପ୍ରଦର୍ଶନ କରିଥିଲେ। ରାଜ୍ୟ ତଥା ଜିଲ୍ଲାସ୍ତରରେ ପ୍ରଶାସନ ତରଫରୁ ବ୍ୟାପକ କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀ ବିଭାଗର ଡେପୁଟି କଲେକଟର ଶ୍ରଦ୍ଧା ସୁମନ କଣ୍ଟ୍ରୋଲ ରୁମ, ରିଲିଫ ସେଣ୍ଟର, ପ୍ରଦୂଷଣ ସ୍ଥାନ, ନାଳି, ହଳଦିଆ ସବୁଜ ଜୋନ୍ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। କାରଖାନାର ମ୍ୟାନେଜିଂ ଡାଇରେକ୍ଟର ଟି.କେ. ବିଜୟନ ଇଣ୍ଡଷ୍ଟ୍ରି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ବ୍ୟବହୃତ କେମିକାଲର ପ୍ରଭାବ ଉପରେ ସୂଚନା ଦେଇଥିଲେ। ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ଉପଖଣ୍ଡ ପୁଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ, ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଟାଉନ ଥାନା ଅଧିକାରୀ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

**ଉଦଳା, ୧୧।୧ (ସମିସ):** ଉଦଳା ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷାନିକେତନ, ମାତୃ ସାଧନା କେନ୍ଦ୍ରର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟ, ମୁଖ୍ୟବକ୍ତାଭାବେ ଉଦଳା ପୌରପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ଣ୍ଣାଙ୍ଗ ଶିକ୍ଷା ସଂଗଠନର ଜିଲ୍ଲା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ଜିଲ୍ଲା ସଂଗଠନ ଟ୍ରଷ୍ଟି ଗଣେଶ ପ୍ରସାଦ ମହାପାତ୍ର ଓ ଏହି ସ୍କୁଲର ପ୍ରଥମ ପାଠଚକ୍ର ସଦସ୍ୟ ରୂପେ ପ୍ରକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ସେହିପରି ବିଶିଷ୍ଟ ଅତିଥିରୂପେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁରସ୍କାର ବିତରଣ କରାଯାଇଥିଲା। ଅନୁଷ୍ଠାନର ସ୍ଥାୟୀ ସଭାପତି ଗୋପୀନାଥ ସ ଉତ୍ସବରେ ସଭାପତିତ୍ୱ କରିଥିଲେ। ସଂପାଦିକା ସୁଜାତା ମହାଳିକ ସହଯୋଗ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ସୁଶ୍ରୀ ସନ୍ତୋଷିନୀ ମହାନ୍ତି ପ୍ରଥମେ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଧାୟକ ଶ୍ରୀ ମଢ଼େଇ ଅଭିଭାବକଙ୍କୁ ସମ୍ବୋଧନ କରି କହିଲେ ଯେ, ପିଲାମାନଙ୍କୁ ଅଧିକ ସଂଖ୍ୟାରେ ନାମ ଲେଖାଇବା ସଂଗେ ସଂଗେ ଜଣେ ଜଣେ ଭଲ ମଣିଷ ବି ଗଢ଼ିବାର ସୁଯୋଗ ଦେବାକୁ ଆହ୍ୱାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ତିନିଦିନିଆ ସମୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଶୁକ୍ଳି, ୧୧ ।୧(ସମିସ)**

ଶୁକ୍ଳି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ପଞ୍ଚାୟତ ସମିତି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ତିନି ଦିନିଆ ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ସମୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ୩ ତାରିଖରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପରେ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ତାଲିମ୍ କାର୍ଯ୍ୟକ୍ରମର ପ୍ରଥମ ଓ ଦ୍ୱିତୀୟ ଚରଣରେ ଉଭୟ ପ୍ରଶିକ୍ଷଣ କେନ୍ଦ୍ରରେ ଅଦ୍ୟାବଧି ୨୦୦ ଶହରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଛନ୍ତି। ଶିକ୍ଷକ-ଶିକ୍ଷାର୍ଥୀ ଓ ଅଭିଭାବକଙ୍କ ଦ୍ୱାରା ସାମଗ୍ରିକ ମାନ ନିର୍ଦ୍ଧାରଣକୁ ଦୃଷ୍ଟିରେ ରଖି ସମୃଦ୍ଧି ପ୍ରଶିକ୍ଷଣର ରୂପରେଖ ପ୍ରସ୍ତୁତି କରାଯାଇଛି। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ଳି ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ସି. ଆର୍. ସି. ସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ୪ ଜଣ ପ୍ରଶିକ୍ଷକଙ୍କ ସହାୟତାରେ ସମ୍ପନ୍ନ ହୋଇଛି।



# ଶ୍ୟାମାଖୁଣ୍ଟା ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

**ବାରିପଦା, ୧୧ ।୧(ସମିସ):** ଭାଲୁକି କ୍ଷିରୋଦଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶ୍ୟାମାଖୁଣ୍ଟା ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଗିରି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ନଳୀନ କୁମାର ଚୌଧୁରୀ ଓ ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।
ପ୍ରଧାନଶିକ୍ଷକ ରାଖାଲ ଚନ୍ଦ୍ର ମହାନ୍ତି ବିବରଣୀ ପାଠ କରିଥିଲେ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ଦୃଷ୍ଟିରେ ରଖି ସମସ୍ତ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ସୃଜନସୀଳତାକୁ ଉତ୍ସାହିତ କରିବା ପାଇଁ ବିଦ୍ୟାଳୟସ୍ତରରେ ଏକ ଦିନିକିଆ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ମାଧିଆପୋଷିରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ



**ଶୁକ୍ଳି, ୧୧ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ରରୁଆଁ ତହସିଲ ଅନ୍ତର୍ଗତ ମାଧିଆପୋଷିଠାରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୨୦୦୬ ମସିହା ପୂର୍ବରୁ ଯେଉଁମାନେ ଜଙ୍ଗଲ ଜମି ନିଜ ଅକ୍ତିଆରରେ ରଖିଛନ୍ତି ସେମାନେ ପଟ୍ଟା ପାଇବେ; ହେଲେ ସେଥିପାଇଁ କିଛି ଗାଇଡ୍ ଲାଇନ ରହିଛି। ଏହା ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମ କରି ଆରମ୍ଭ ହେବ। ଫଗୁ ଫୁଟବଲ୍ ପଡିଆରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ୩୦ଟି ଗ୍ରାମର ଶତାଧିକ ପୁରୁଷ ମହିଳା କାର୍ଯ୍ୟକ୍ରମ ଯୋଗ ଦେଇଥିଲେ। ପ୍ରଥମେ ଗୋଷ୍ଠୀମାନଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ଗ୍ରାମରେ ଫୁଟବଲ୍ ପଡିଆ, କ୍ରିକେଟ ପଡିଆ, ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ କଲେଜ, ଡାକ୍ତରଖାନା ଆଦି ପାଇଁ ଆବେଦନ କରିଥିବା ୯ଟି ଗୋଷ୍ଠୀଙ୍କୁ ଏହି ପଟ୍ଟା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ବ୍ୟକ୍ତିଗତ ପଟ୍ଟା ମଧ୍ୟ ମିଳିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଯଶିପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ, ବ୍ଲକ୍ ଅଧ୍ୟକ୍ଷ ଅଜିତ୍ ତିରିଆ, ରରୁଆଁ ତହସିଲଦାର କୁନ୍ତୀରାଣୀ ନାଏକ, ବନପାଳ ବ୍ରହ୍ମାନନ୍ଦ ବେହେରା ଏବଂ କ୍ରେଫ୍ଟା ଏନ୍‌ଜି ଓ ସ୍ଥାନୀୟ ପଦାଧିକାରୀ ଯୋଗଦେଇଥିଲେ।

# ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବ୍ୟବହାର ହେଉଛି ବୈଶିଙ୍ଗା-ମାଣତ୍ରୀ ରାସ୍ତା

**ବୈଶିଙ୍ଗା,୧୧।୧ (ସମିସ)**



ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବୈଶିଙ୍ଗା-ମାଣତ୍ରୀ ରାସ୍ତାକୁ ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହେଉଛି। ଏହି ରାସ୍ତା ଡ୍ରେନ ପୋତିଦେଲେଣି ତ କେତେବେଳେ ଛାତ ପକାଇବା ପାଇଁ ରାସ୍ତା ଉପରେ ସିମେଣ୍ଟ ଗୋଳିଲଣି। ଯୋଉଁଥିପାଇଁ ନର୍ଦ୍ଦମା ପାଣି ନିଷ୍କାସନ ନ ହୋଇ ରାସ୍ତାରେ ଭାସୁଛି। ଫଳରେ ଲୋକେ ଆବର୍ଜନା ପାଣିରେ ଯାଆସ' କରୁଛନ୍ତି। ଜଣେ ଘର ମାଲିକ ଜାଣିଶୁଣି ଅଧିକାଂଶ ସମୟରେ ରାସ୍ତାରେ ଆବର୍ଜନା ପାଣି ଛାଡୁଛନ୍ତି। ଯେଉଁଥିପାଇଁ ରାସ୍ତା ଶୋଚନୀୟ ହୋଇଯାଇଛି। ସେହିପରି ବୁଧବାର ଗୃହ ନିର୍ମାଣ ପାଇଁ ବ୍ୟବହୃତ ସରଞ୍ଜାମ ମଧ୍ୟ ରାସ୍ତା ଉପରେ ପକାଯାଇ ଅବରୋଧ କରାଯାଉଛି। ରାସ୍ତାରେ ସିମେଣ୍ଟ ଗୋଳା ଯାଉଥିବାରୁ ଲୋକେ ବାଧ୍ୟ ହୋଇ ଯାତାୟାତ କରୁଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ଡାକ୍ତରଖାନା ଛକ ନିକଟରେ। ସ୍ଥାନୀୟ ପ୍ରଶାସନ ଏହାର ପ୍ରତିକାର ବ୍ୟବସ୍ଥା କରୁ ନ ଥିବାରୁ ଅଞ୍ଚଳବାସୀଙ୍କୁ ଘାରିଛି ଦୁର୍ଘଟଣା ଚିନ୍ତା। ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବୈଶିଙ୍ଗା ଅଞ୍ଚଳର ଅନ୍ୟତମ ବ୍ୟସ୍ତବହୁଳ ରାସ୍ତା ହେଉଛି ବୈଶିଙ୍ଗା-ମାଣତ୍ରୀ ସଡ଼କ। ଏହି ପଥ ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଜନସାଧାରଣ ଯିବାଆସିବା କରୁଛନ୍ତି। ପୂର୍ବରୁ ବଜାରର ସମସ୍ତ ପାଣି ଏହି ରାସ୍ତାର ଡ୍ରେନରେ ନିଷ୍କାସିତ ହେଉଥିଲା; ହେଲେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଘର କାମ ପାଇଁ ଡ୍ରେନ୍‌କୁ ପୋତି ଦେଇଛନ୍ତି। ଏହାର ପ୍ରତିକାର ପାଇଁ ଅଞ୍ଚଳବାସୀ ଅନେକ ଥର ଗୃହ ନିର୍ମାଣ କରୁଥିବା ସଂପୃକ୍ତ ବ୍ୟକ୍ତି ଏବଂ ସ୍ଥାନୀୟ ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ପୂର୍ବରୁ ଉକ୍ତ ଘରମାଲିକ ରାସ୍ତାକୁ ମେସିନ ଯୋଗେ ପାଣି ଛାଡୁଥିବାବେଳେ ପୁଲିସ ପହଞ୍ଚି ତାଙ୍କୁ ତାଗିଦା କରିବା ସହିତ ପାଣି ଉଠା ମେସିନକୁ ଜବତ ମଧ୍ୟ କରିଥିଲା।

# ବାଳକ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବହଳଦା,୧୧।୧(ସମିସ)**

ବହଳଦା ବାଳକ ଉଚ୍ଚବିଦ୍ୟାଳୟର ୬୩ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋରଞ୍ଜନ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ତିରିଙ୍ଗ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନେଶ୍ୱର ଜେନା, ମୁଖ୍ୟବକ୍ତା ଭାବେ ଗୁଣ୍ଡୁପୁର (ରାୟଗଡ଼ା)ର ପୂର୍ବତନ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ନେପାଳ ଚନ୍ଦ୍ର ସାହୁ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଧର୍ମରାଜ ପାଲ, ସାମ୍ବାଦିକ ଅଶୋକ କୁମାର ରାଉତ, ସାମ୍ବାଦିକ ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇଥିଲ। ବରିଷ୍ଠ ଶିକ୍ଷକ ହରେକୃଷ୍ଣ ବେହେରା ସ୍ୱାଗତ ଅଭିଭାଷଣ ଓ ଅତିଥିଙ୍କ ପରିଚୟ ଦେଇଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ ଖେଳକୁଦ ପ୍ରତିଯୋଗିତାକୁ ଖେଳ ଶିକ୍ଷକ କେଶବ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ଶିକ୍ଷକ ଜଗନ୍ନାଥ ତରେଇ, ଶିକ୍ଷୟିତ୍ରୀ ଦେବସ୍ମିତା ନାୟକ, ଶୁଭଶ୍ରୀ ରାଉତ,ଉପେନ୍ଦ୍ର ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ସଂଗ୍ରାମ କେଶରୀ ଗରିବ ଧନ୍ୟବାଦ ଅର୍ପଣ କରିଥିଲେ।



# ‘ଜୟ ଜଗନ୍ନାଥ’ ଧ୍ୱନିରେ କମ୍ପୁଛି ଗାଁଠୁ ସହର







**ଚମ୍ପୁଆ,୧୧।୧(ସମିସ)**

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅବସରରେ ଗାଁ ଗାଁରେ ବୁଲୁଛି ଅର୍ପଣ ରଥ। ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତରେ କରଞ୍ଜିଆ ଗାଁରୁ ଗଡିଛି ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ। ଚମ୍ପୁଆ ବ୍ଲକ ଜେଇ ଅଜୟ କୁମାର ବେହେରା ଓ ସରପଞ୍ଚ ସୁଶ୍ରୀ ସୁପ୍ରିୟା ମୁଣ୍ଡା, ଡୋରା ମହାନ୍ତ, କିଶୋର ମହାନ୍ତ ଏହି ରଥକୁ ସ୍ୱାଗତ କରି ଗ୍ରାମ ପରିକ୍ରମା କରାଇଥିଲେ। ଭଜନ କୀର୍ତ୍ତନ ସହ ଶଙ୍ଖନାଦ, ହୁଳହୁଳି ଧ୍ୱନିରେ ଗାଁ ରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ ଫାଟି ପଡୁଥିଲା। ଏହି ରଥ ଘରକୁ ଘର ବୁଲି ଅକ୍ଷତ ଚାଉଳ ଓ ଗୁଆ ସଂଗ୍ରହ କରିଥିଲା।

**ତୁରୁମୁଙ୍ଗା:** ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତର ବିଭିନ୍ନ ଗାଁରେ ଅର୍ପଣ ରଥ ବୁଲି ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଛି। ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ଏଥିରେ ଯୋଗ ଦେଇ ସଙ୍କୀର୍ତ୍ତନ ଭଜନରେ ନିଜକୁ ମଜାଇଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ନାଏକ, ସୌଭାଗ୍ୟ ମଞ୍ଜରୀ ନାଏକ, ରୁନୁ ମହାନ୍ତ, କଣ୍ଟିଆପଡା ସରପଞ୍ଚ ଲୀନା ନାୟକ, ପିଇଓ ଶୋଭାଶ୍ରୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ହାଟଡିହି:** ହାଟଡିହି ବ୍ଲକର ବାଲିବରେଇ, ସୋସୋ, ଢେଙ୍କା ଶାଳଣିଆଁ ବିଭିନ୍ନ ପଞ୍ଚାୟତରେ ଗାଁକୁ ଗାଁ ଅର୍ପଣ ରଥ ପରିକ୍ରମା କରୁଛି। ଢେଙ୍କା ପଞ୍ଚାୟତ ଜଗନ୍ନାଥ ମନ୍ଦରରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସରପଞ୍ଚ ସୁବାସିନୀ ସେଠୀ, ସମିତି ସଭ୍ୟା ସୁକାନ୍ତି ବିଶ୍ୱାଳ, ପିଇଓ ସୁରେଶ ସେଠୀ, ଜିଆରଏସ ବଳରାମ ମଲ୍ଲିକ, ବିଦ୍ୟାଧର କର, ମଧୁସୂଦନ କର, ଦୀପ୍ତି ରଞ୍ଜନ ଦାସ, ପୁନ ଦାସ, ଜ୍ୟୋତି ରଞ୍ଜନ ଦାସ, ରବିନ୍ଦ୍ର ନାୟକ, କାଳିଆ ବିଶ୍ୱାଳ ପ୍ରମୁଖ ଗାଁ ଗାଁ ପରିକ୍ରମା କରିଥିଲେ। ସେହିପରି ସୋସୋ ପଞ୍ଚାୟତର ସରପଞ୍ଚ ରାଜକିଶୋର ଦାସ, ପିଇଓ, ଜିଆରଏସ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ରବିନ୍ଦ୍ର ରାଉତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ବାଲିବରେ ପଞ୍ଚାୟତର ସରପଞ୍ଚ, ପିଇଓ ଜିତେନ୍ଦ୍ର ଜେନା, ଜିଆର୍‌ଏସ୍, ସମିତିସଭ୍ୟା ଦମୟନ୍ତି ଜେନା, ଅଜୟ ଘଡ଼େଇ, ନରହରି ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

**ଆନନ୍ଦପୁର:** ଅକ୍ଷତ ସଂଗ୍ରହ ରଥ ଆଜି ଆନନ୍ଦପୁର ପୌରାଞ୍ଚଳର ୧୨ନଂ ୱାର୍ଡର ବିଭିନ୍ନ ସାହି ବସ୍ତିରେ ପରିକ୍ରମା କରିଥିବା ଜଣାଯାଇଛି। ଆନନ୍ଦପୁର ପୌରାଞ୍ଚଳର ଶାଳପଡା ୧୨ନଂ ୱାର୍ଡରେ ଅକ୍ଷତ ସଂଗ୍ରହ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ସଂଯୋଜନାରେ ପୌର ଅଧକ୍ଷା ରଜନୀରାଣୀ ଖଟୁଆ, ଉପାଧକ୍ଷ ଦୁର୍ଗାଚରଣ ଦଳେଇ, କାଉନସିଲର ସୁପ୍ରିୟା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ରଥର ପରିକ୍ରମାରେ ସଂକୀର୍ତ୍ତନ ଦଳର ଗୌର ଭକ୍ତମାନେ ମୃଦଙ୍ଗ, ଘଣ୍ଟ, ଖୋଳ ଓ କରତାଳ ସହିତ ଜୟଜଗନ୍ନାଥ ଧ୍ୱନିରେ ଅଞ୍ଚଳକୁ ପ୍ରକମ୍ପିତ କରିଥିଲେ। ରଥ ପରିକ୍ରମା ଶୋଭାଯାତ୍ରାରେ ଶହ ଶହ ମହିଳା ପରିଭ୍ରମଣ କରୁଥିବା ବେଳେ ବିଭିନ୍ନ ସାହି ବସ୍ତିରେ ଏହି ରଥକୁ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ପୌର କର୍ମଚାରୀ ସୁବାଶିଷ ଜେନା, ଚିତ୍ତରଞ୍ଜନ ସେଠୀ, ଧନଞ୍ଜୟ ଦାଶ, ରାଜଶ୍ରୀ ମିଶ୍ର ଓ ସ୍ୱଚ୍ଛସାଥୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।







**ବେଲବାହାଳି:** ଆନନ୍ଦପୁର ବ୍ଲକର ବେଲବାହାଳି ଗ୍ରାମରେ ବିଭିନ୍ନ ସାହି ବସ୍ତିରେ ଅର୍ପଣ ପରିକ୍ରମା କରି ଅକ୍ଷତ ସଂଗ୍ରହ କରିଥିବା ଜଣାଯାଇଛି। ବେଲବାହାଳି ସରପଞ୍ଚ ଦିପ୍ତୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ଅଞ୍ଜନା ବାରିକ, ବିଡିଓ ଯୋଗରଞ୍ଜନ ନାୟକ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ପ୍ରଭାକର ସାହୁ, ନାଏବ ସରପଞ୍ଚ ରବିନ୍ଦ୍ର କୁମାର ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କଳ୍ପନା ମୁଦୁଲି, ଗ୍ରାମ ରୋଜଗାର ସେବକ ମାଧବାନନ୍ଦ ରାଉତ ପ୍ରମୁଖ ଯୋଗ ଦେଇ ରଥ ପରିକ୍ରମାରେ ସାମିଲ ହୋଇଥିଲେ। ବେଲବାହାଳି ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏହି ରଥ ବାହାରି ବିଭିନ୍ନ ସାହିବସ୍ତିରେ ପରିଭ୍ରମଣ କରିଥିଲା। ପୂର୍ବତନ ସରପଞ୍ଚ ସୁକାନ୍ତି ସାହୁ, ସଂଯୁକ୍ତା ସାହୁ, ଲକ୍ଷ୍ମୀଧର ସାହୁ, ବୀରବର ସାହୁ, ପ୍ରମୋଦ ସାହୁ, ଅରୁଣ କୁମାର ସାହୁ, ଗୋବର୍ଦ୍ଧନ ସାହୁ, ଶୁକଦେବ ସାହୁ, କୁଳମଣୀ ସାହୁ, ବାବାଜୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ଘସିପୁରା:** ଘସିପୁରା ବ୍ଲକ୍ ପୁରୁଣାବାନ୍ଧଗୋଡା ପଞ୍ଚାୟତରେ ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ସରପଞ୍ଚ ସୁଧାରାଣୀ ଧୀର ରଥ ସହିତ ଲୋକଙ୍କ ଘରକୁ ଘର ବୁଲି ଶ୍ରଦ୍ଧାର ସହ ଗୁଆ ଅରୁଆ ଚାଉଳ ସଂଗ୍ରହ କରିଛନ୍ତି। ଜଗନ୍ନାଥ ମନ୍ଦିରରୁ ବାହାରି ନଣ୍ଡାବର, ନାନୀକାବାହାଳି, କିର୍ତ୍ତନପାଟିଆ, ବିଲାବନ୍ଧ, ତିଗିରିଆ ପ୍ରଭୃତି ଗ୍ରାମ ପରିକ୍ରମା କରିଥିଲା। ଏଥିରେ ସମାଜସେବୀ ଦେବାଶିଷ ପାତ୍ର ସମେତ ସ୍ଥାନିୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମୀରଞ୍ଜନ ମହାରଣା, ଗ୍ରାମରୋଜଗାର ସେବକ ନିହାର ରଞ୍ଜନ ଧୀର, ସମାଜସେବୀ ଅଜିତ କୁମାର ଧୀର, ସୁଜିତକୁମାର ଧୀର, ସନ୍ତୋଷ କୁମାର ଧୀର, ସୌମେନ୍ଦ୍ର କୁମାର ଧୀର, ପ୍ରଭାସ ଦାସ, ପ୍ରକାଶ ନାୟକ, ପ୍ରଦିପକୁମାର ନାୟକ, ବିଶ୍ୱଜିତ ଧୀର, ନାଣ୍ଟୁଚରଣ ଜେନା, ଶାନ୍ତନୁ ଦାସ, ସୁଧାଂଶୁ ପଟ୍ଟନାୟକ ଏବଂ ମିଶନଶକ୍ତିର ଏମ୍‌ବିକେ ବର୍ଷାବୈଶାଖି ସା, ସିଆରପି ଯଶୋମତୀ ବେହେରା, ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ତେଲକୋଇ,୧୧।୧(ସମିସ):** ତେଲକୋଇ ସଦର ମହକୁମା ତଳସାହି ବେହେରା ସାହିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ତେଲକୋଇ ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକ ହେଲେ ବାଦଲ ବେହେରା। ଏହାକୁ ନେଇ ବାଦଲ ବେହେରାଙ୍କ ପରିବାର ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ କୌଣସି କାରଣକୁ ନେଇ ବାଦଲ ବେହେରା ପଡିଶା ରାଜେଶ୍ ବେହେରାଙ୍କ ସହିତ ପାଟି ତୁଣ୍ଡ ଲାଗିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ରାଜେଶ୍ ଓ ଅନ୍ୟଜଣେ ବାଦଲ ବେହେରାଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ବାଦଲଙ୍କ ପରିବାର ଲୋକ ସଙ୍ଗେ ସଙ୍ଗେ ଗୁରୁତର ବାଦଲଙ୍କୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଭିଯୋଗ ପରେ ପୁଲିସ୍ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## ଛିଡ଼ା ହୋଇଥିବା ଟ୍ରକ୍‌ରୁ ଡିଜେଲ ଲୁଟ୍

**ଘସିପୁରା,୧୧।୧(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ୨୦ ନମ୍ବର ଜାତୀୟ ରାଜପଥ ବଡପଦନା ଛକ ରାସ୍ତା କଡରେ ଠିଆ ହୋଇ ରହିଥିବା ୪ଟି ଟ୍ରକରୁ ଗତକାଲି ବିଳମ୍ବିତ ରାତ୍ରୀରେ ଡିଜେଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। କଟକ ଟାଙ୍ଗୀ ଅଞ୍ଚଳର ରମେଶଚନ୍ଦ୍ର ବେହେରା ଏଥି ନେଇ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ରାମଚନ୍ଦ୍ରପୁର ଥାନା ପକ୍ଷରୁ ସ୍ଥାନୀୟ ବଜାର ଅଞ୍ଚଳରେ ରାତ୍ରୀକାଳିନ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଥିଲେ ସୁଦ୍ଧା କିଭଳି ପରିସ୍ଥିତିରେ ଏକା ସଙ୍ଗରେ ୪ଟି ଗାଡିରୁ ଡିଜେଲ ଚୋରି ହେଲା, ପୁଲିସ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ ଗାଡ଼ି ମାଲିକ କ୍ଷୋଭ ପ୍ରକାଶ କରିବା ସହ ଏଭଳି ଘଟଣାକୁ ଦୃଢ ନିନ୍ଦା କରିଛନ୍ତି।

## ଦେଶୀ ଓ ବିଦେଶୀ ମଦ ଜବତ

**ତୁରୁମୁଙ୍ଗା, ୧୧।୧ (ସମିସ):** ସ୍ପେଶାଲ ଡ୍ରାଇଭରେ ତୁରୁମୁଙ୍ଗା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୪ଟି ବେଆଇନ ମଦ ବିକ୍ରି ମାମଲା ରୁଜୁ କରିବା ସହ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରି ୪ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ବେଆଇନ ମଦ ବିକ୍ରି କରୁଥିବା ବ୍ୟକ୍ତି ହେଲେ ସଦର ଥାନା ଡୁମୁରିଆ ଗ୍ରାମର ଭଦ୍ରାନନ୍ଦ ମହାକୁଡ଼, ତୁରୁମୁଙ୍ଗା ଥାନା ସିଲିଦା ଗ୍ରାମର ସୌମ୍ୟରଞ୍ଜନ ସେଠୀ, ଜଡିଚାତର ଗ୍ରାମର ଦେବୀ ନାଏକ, ଦାଶରଥୀପୁର ଗ୍ରାମର ନନ୍ଦ କିଶୋର ମାଝୀ ଏବଂ ଖୁଣ୍ଟାପିଙ୍ଗୁ ଗ୍ରାମର ସୁଶୀଲ କୁମାର ମହାନ୍ତ। ଏମାନଙ୍କ ଠାରୁ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୪୧ ସିଆରପିସିରେ ଛଡା ଯାଇଥିବା ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି।

## ଦୋକାନରୁ ଚୋରି ବେଳେ ଧରାପଡ଼ିଲେ ୨ ଯୁବକ



ଘସିପୁରା,୧୧।୧(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ନାରାଙ୍ଗପୁର ବଜାରରେ ଥିବା ସଉଦା ଦୋକାନରୁ ବାରମ୍ବାର ଚୋରି ହେଉଥିଲା। ହେଲେ ଚୋରି ସମ୍ପର୍କରେ ଜାଣି ସୁଦ୍ଧା ଚୋରର ଟେର ପାଇ ପାରୁନଥିଲେ ଦୋକାନୀ। ଗତକାଲି ବଜାରର ପଦ୍ମନାଭ ସାହୁଙ୍କ ଦୋକାନରୁ ଅଦା ବସ୍ତା ଚୋରି ହେଇଥିବା ବେଳେ ସନ୍ଧ୍ୟା ବେଳେ ସୁନୀଲ ସାହୁଙ୍କ ଦୋକାନରୁ ସେଓ ଚୋରି କରୁଥିବା ସମୟରେ ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡିଥିଲେ ଦୁଇ ଜଣ। ଦୋକାନୀ ଦୁଇ ଯୁବକଙ୍କୁ ଧରି ଉତ୍ତମ ମଧ୍ୟମ ଦେଇ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଦୁହେଁ ଦୁଇ ସାଙ୍ଗ। ରାମଚନ୍ଦ୍ରପୁର ଥାନା ହରିପୁର ଗ୍ରାମର ଶଙ୍କର୍ଷଣ ଗାହାଣ ଏବଂ ଅନ୍ୟଜଣେ ବିଷ୍ଣୁ ରାଉତ ବୋଲି ଜଣାପଡିଛି। ଘସିପୁରା ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ଠାରୁ ଦୁଇ ଯୁବକଙ୍କୁ ଉଦ୍ଧାର କରି ନିଜ ହେପାଜତକୁ ନେଇ ଚୋରି ସମ୍ବନ୍ଧରେ ଅଧିକ ପଚରାଉଚରା କରିଥିବା ସୂଚନା ମିଳିଛି।

## ଟାଉନ ଥାନା ଅଞ୍ଚଳରେ ୫ ମାମଲା

**କେନ୍ଦୁଝର,୧୧।୧(ସମିସ):** କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ସ୍ପେସିଆଲ ଡ୍ରାଇଭ ମାଧ୍ୟମରେ ଅବକାରୀ ମାମଲା ରୁଜୁ କରାଯାଉଥିବା ବେଳେ ଅନେକ ମଦ ବେପାରୀଙ୍କ ଗିରଫ କରାଯାଇସାରିଲାଣି। ଶହଶହ ଲିଟର ଦେଶୀ ବିଦେଶୀ ମଦ ମଧ୍ୟ ପୁଲିସ ଜବତ କରିବାରେ ସଫଳ ହୋଇଛି। ତେବେ କେନ୍ଦୁଝର ଏସ୍‌ପି ନିତିନ କୁଶଲକରଙ୍କ ନିର୍ଦ୍ଦେଶ ଅନୁସାରେ କେନ୍ଦୁଝର ଟାଉନ ଥାନା ଅଞ୍ଚଳରେ ଇତିମଧ୍ୟରେ ୫ଟି ମାମଲା ରୁଜୁ ସହ ୫ ଜଣକୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ସୁନିଲ କୁମାର କର ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଟାଉନଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉକରି କେଶ ନମ୍ବର ୧୫/୨୪, କେଶ ନମ୍ବର ୧୬/୨୪, କେଶ ନମ୍ବର ୧୭/୨୪, କେଶ ନମ୍ବର ୧୯/୨୪ ଏବଂ କେଶ ନମ୍ବର ୨୦/୨୪ ଦଫା ୫୨(ଏ)ଅନୁସାରେ ୫ ଜଣ ମୁଦାଲାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୧୫ ଲିଟର ବିଦେଶୀ ମଦ ଏବଂ ୫୩ ଲିଟର ଦେଶୀ ମଦ ମଧ୍ୟ ଜବତ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଅନ୍ୟାନ୍ୟ ଥାନା ଅଞ୍ଚଳରେ ନାକା କରାଯାଇ ବେଆଇନ ମଦ କାରବାରକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଯୋଡା, ୧୧।୧ (ସମିସ):** ଯୋଡ଼ା ମହିଳା ମହାବିଦ୍ୟାଳୟରେ ‘ନୂଆ-ଓ’ ଯୁବ ଓଡ଼ିଶା ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଯୋଡ଼ା ମହାବିଦ୍ୟାଳୟର ଅଧକ୍ଷା ମୃଦଳା ମହାନ୍ତି ସଭାପତିତ୍ୱ କରିଥିଲେ। ବିଶ୍ୱ ଓଡ଼ିଶା ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନୋଡାଲ ଅଫିସର କିଶାନ ଚନ୍ଦ୍ର ନାଏକ ସଭାର ପରିଚାଳନା କରିଥିଲେ। ଏହି ସଭାରେ ଅଧାପିକା ଓ ଅଧାପିକା ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏ ନେଇ ଓଡ଼ିଶା ଭାଷାରେ ଶ୍ରୀଜଗନ୍ନାଥ ଓ ସଂସ୍କୃତି ଚେତନା ଉପରେ ଓଡିଆ ସାହିତ୍ୟ ପ୍ରତିଯୋଗିତା କରାଯିବା ପାଇଁ ସ୍ଥିର କରାଯାଇଥିଲା। ପରିଶେଷରେ ଅଧାପିକା ମଧୁମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁସୂଦନପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ତେଲକୋଇ,୧୧।୧(ସମିସ):** ତେଲକୋଇ ବ୍ଲକ ଖୁଣ୍ଟାପଡା ପଞ୍ଚାୟତ ମଧୁସୂଦନପୁର ସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟରେ ଦୁଇଦିନ ଧରି ବାର୍ଷିକ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମହାସରସ୍ୱତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଥିବା ସଭାରେ କୃଷ୍ଣପୁର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଦାନନ୍ଦ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଭରତ ନାଏକ ଓ କୃଷ୍ଣପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସତ୍ୟ ନାରାୟଣ ମହାନ୍ତ ଯୋଗ ଦେଇଥିଲେ। ମଧୁସୂଦନପୁର ଆଶ୍ରମ ବିଦ୍ୟାଳୟର ଖେଳ ଶିକ୍ଷକ ପପୁନ କୁମାର ମହାନ୍ତ, ଏସ୍‌କେପି ପାଟଦେଶ ଉଚ୍ଚ ବିଦ୍ୟାଳୟର ନରୋତ୍ତମ ଦଳନାୟକ, ରାଇସୁଆଁ ଉଚ୍ଚ ବିଦ୍ୟାଳୟର ଭରତ ଚନ୍ଦ୍ର ଦଳେଇ ଓ ଦେଉଳଡିହା ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ଧର୍ମେନ୍ଦ୍ର ଦାସ ଖେଳ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶୈକ୍ଷିକ କର୍ମଚାରୀ ଦମୟନ୍ତି ପଢିହାରି, କଳ୍ପନା ସୁନା, ଶ୍ୟାମଘନ ଡାଙ୍ଗୁଆ, ଜିତେନ୍ଦ୍ର ମୁଣ୍ଡା, ଚନ୍ଦ୍ରଶେଖର, ବିଜୟ ସେଠୀ, ଯଦୁମଣି ନାୟକ, ଶୁଭାଶିଷ ଜେନା ଓ ଅନ୍ୟ ଅଣଶୈକ୍ଷିକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ତେଲକୋଇ,୧୧।୧(ସମିସ):** ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ନମକାନି ଗ୍ରାମ ଖେଳପଡିଆରେ ଚଳିତ ବର୍ଷ ମହାବୀର ଯୁବକ ସଂଘ ନମକାନି ଆନୁକୂଲ୍ୟରେ ୫ଦିନ ଧରି ଚାଲିଥିବା ଚତୁର୍ଥ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଫାଇନାଲ ମ୍ୟାଚରେ ସ୍ମଲ-୧୧ ନମକାନି କ୍ରିକେଟ୍ କ୍ଲବ ଓ କେନ୍ଦୁଝର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝର ଏକାଦଶ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ଦେହୁରୀ, ମହେଶ୍ୱର ନାୟକ, ସଂଖାଳି ଗିରି, ମୁରଲୀଧର ନାୟକ, ଯଯାତି କେଶରୀ ପ୍ରମୁଖ ଯୋଗ ଦେଇଥିଲେ। ଖେଳକୁ ଅମ୍ପେୟାର ବାପି କୁମାର, ସୁରଥ ପାତ୍ର, ମକୁନ୍ଦ ପ୍ରଧାନ ଓ ଶାନ୍ତନୁ କୁମାର ଖେଳ ପରିଚାଳନା କରିଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ହାଟଡିହି ,୧୧।୧(ସମିସ):** ହାଟଡିହି ବ୍ଲକ ବଉଳା ଉଚ୍ଚ ବିଦ୍ୟାଳୟ ସୋସୋର ନୂଆ ଓ ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷ ତଥା ପ୍ରଧାପକ ଶିବ ଚରଣ ଖାମୁରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପର୍ଶୁରାମ ପେଡ଼ା, ମୁଖ୍ୟବକ୍ତା ଭାବେ ସାହିତ୍ୟି ପବିତ୍ର ପ୍ରାଣିଗ୍ରାହୀ, ହଦଗଡ଼ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ପି. ମଣିକଣ୍ଠନ, ସମ୍ମାନିତ ଅତିଥି ଅଧ୍ୟାପକ ଜିତେନ୍ଦ୍ର କୁମାର ମହାନ୍ତି, ଖେଳ ଶିକ୍ଷକ ହେମନ୍ତ କୁମାର ନାଥ, ଅନିରୁଦ୍ଧ ରାଉତ, ସଚିନ୍ଦ୍ର ରାଉତ ରାୟ, ହୃଦାନନ୍ଦ ପ୍ରାଣିଗ୍ରାହୀ, ବିଜୟ ମଲ୍ଲିକ, ଅଧ୍ୟାପିକା ଲୋପାମୁଦ୍ରା ସା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଅଧ୍ୟାପକ ଫକୀର ଚରଣ ସଙ୍ଗୁଆ କାର୍ଯ୍ୟକ୍ରମର ସଂଯୋଜନା ଅଧ୍ୟାପକ ଜିତେନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କର୍ମଚାରୀ ଗୌରାଙ୍ଗ ବେହେରା, ଦୟାନିଧି ଦାସ , ଅନାମ ଚରଣ ପଣ୍ଡିତ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଗାୟତ୍ରୀ ପରିବାର ତରଫରୁ ସଫେଇ

**ଘସିପୁରା,୧୧।୧(ଇମିସ):** ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଘସିପୁରା ବ୍ଲକ ପକ୍ଷରୁ ବ୍ଲକ ସଂଯୋଜକ ପ୍ରମୋଦକୁମାର ବରାଳଙ୍କ ସହଭାଗିତାରେ ବଡପଦନା ମା’ଖଣ୍ଡୁରୀଙ୍କ ପୀଠରେ ଏକ ବାର୍ଷିକ ଖସଡ଼ା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗାୟତ୍ରୀ ପରିବାର ଭାଇ ଭଉଣି ମିଶି ବଡପଦନା ଗାଁ ଦାଣ୍ଡ ସହ ଖଣ୍ଡୁରୀମାତା ମନ୍ଦିର ପରିସରକୁ ସଫାସୁତୁରା କରିଥିଲେ। ପରେ ପୂର୍ବତନ ଜିଲ୍ଲା ପ୍ରଭାରୀ ଅରୁଣ ସାହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଭଗବାନ ଲାଲ ପଢିହାରୀ, ବିଷ୍ଣୁନାରାୟଣ ସାମଲ, ବ୍ରଜ କିଶୋର ସାହୁ ସମେତ ଅନେକ ବରିଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଘସିପୁରା,ଆନନ୍ଦପୁର, ତରୁଆଁ, ବଡପଦନା, ଅଳତି, ସାଇଁକୁଳ, ବାଡୋ, ଶୈଳଙ୍ଗ, ବେଲସୁନ୍ଦରୀ ପ୍ରଭୃତି ଶାଖାରୁ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁ ରବିନ୍ଦ୍ର କୁମାର ନାୟକ,କୁଳମଣି ସାହୁ,ଦୁଃଶାସନ ପାତ୍ର ,ଗୌରି ସାହୁ, ସଂଧ୍ୟାରାଣୀ ସାହୁ, ଜାନକୀ ବରାଳ,ବାସନ୍ତି ଓଝା ,ନରହରି ନାୟକ, ଜଗବନ୍ଧୁ ମହାରଣା, ରସାକ ଲାଲ୍ ସାହୁ, ହରିହର ସାହୁ, ଅନୁପମା ସାହୁ, ରବିନ୍ଦ୍ର ନାୟକ ସମେତ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ।

## ମଧ୍ୟାହ୍ନ ଭୋଜନ ଅଣ୍ଡା ଦର ବୃଦ୍ଧି କରିବାକୁ ଦାବି

**ଆନନ୍ଦପୁର,୧୧।୧(ସମିସ):** କେନ୍ଦୁଝର ଜିଲାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନରେ ଦିଆଯାଉଥିବା ଅଣ୍ଡାର ମୂଲ୍ୟକୁ ନେଇ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦିନକୁ ଦିନ ଅଣ୍ଡାର ମୂଲ୍ୟ ବଢି ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ ଦିଆଯାଉଥିବା ଅନୁଦାନ ବୃଦ୍ଧି କରାଯାଉନଥିବାରୁ ଶିକ୍ଷକମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ସୋମବାର, ଗୁରୁବାର ଭାତ, ଡାଲମା, ମଙ୍ଗଳବାର ଶୁକ୍ରବାର ଭାତ ସାଙ୍ଗକୁ ସୋୟାବଡି ତରକାରୀ, ବୁଧ ଓ ଶନିବାର ଭାତ ସାଙ୍ଗକୁ ଅଣ୍ଡାଆଳୁ ତରକାରି ଦେବାର ବ୍ୟବସ୍ଥା ରହିଛି। ୨୦୧୮ ଅଗଷ୍ଟ ୩୦ରୁ କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସୋମବାର, ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର ସ୍ୱତନ୍ତ୍ର ପୋଷକ ଯୋଜନାରେ ଗୋଟିଏ ଲେଖାଏଁ ଅଣ୍ଡା ପ୍ରଦାନ କରାଯାଉଛି। ଅଣ୍ଡା ମୂଲ୍ୟ ପ୍ରତି ୫.୩୦ ଟଙ୍କା ଓ ସିଝାଇବା ପାଇଁ ଜାଳେଣି ଖର୍ଚ୍ଚ ୧୫ ପଇସା ପ୍ରଦାନ କରିବାକୁ ଧାର୍ଯ୍ୟ ହୋଇଥିଲା। ଇତି ମଧ୍ୟରେ ୫ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ପ୍ରଶାସନ ପକ୍ଷରୁ ଅଣ୍ଡା ଦର ବୃଦ୍ଧି କରାଯାଉନାହିଁ। ଅନ୍ୟପକ୍ଷରେ ଖୋଲା ବଜାରରେ ଅଣ୍ଡା ପ୍ରତି ୮ ଟଙ୍କାରେ କ୍ରୟ କରାଯାଉଥିବାରୁ ଶିକ୍ଷକମାନେ ଏନେଇ ଅଡୁଆରେ ପଡିଥିବା ଜଣାଯାଇଛି। ମଧ୍ୟାହ୍ନ ଭୋଜନ ଯୋଜନାରେ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଦରବୃଦ୍ଧି ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଏହାର ସମୀକ୍ଷା କରାଯାଉନଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲ୍ଲାପାଳ ଏନେଇ ଅନୁଧ୍ୟାନ କରିବା ସହ ଅଣ୍ଡାଦର ବୃଦ୍ଧି କରିବା ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି।

## ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଆଲୋଚନାଚକ୍ର



**ବାଲିବନ୍ଧ, ୧୧।୧ (ସମିସ):** ଝୁମ୍ପୁରା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ‘ନୂଆ-ଓ’ ଯୋଜନା ମାଧ୍ୟମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଗନ୍ନାଥ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଉପରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା, ସୃଜନଶୀଳ ଓ ମୂଲ୍ୟବୋଧ ପ୍ରଦର୍ଶନ କରିବା ପାଇଁ ଓଡିଆ ସାହିତ୍ୟ ପ୍ରିଯୋଗିତାର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ କୁଞ୍ଜବିହାରୀ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗୁରୁଶ୍ରୀ ରତ୍ନାକର ବାରିକ, ମୁଖ୍ୟବକ୍ତା ଭାବେ ଡ.ମନୋରଞ୍ଜନ କର, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗୀତାରାଣୀ ସିଂ, ନନ୍ଦକିଶୋର ଦେହୁରୀ, ଯୁକ୍ତ ଦୁଇ ଭିଭାଗର ନୋଡାଲ ଅଫିସର ଅଧ୍ୟାପକ ପ୍ରଦ୍ୟୁମ୍ନ କିଶୋର ବେଉରା, ଯୁକ୍ତତିନି ବିଭାଗର ନୋଡାଲ ଅଫିସର ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ, ଅଧ୍ୟାପକ ବିନାୟକ ମହାନ୍ତ, ଇଂରାଜୀ ଅଧ୍ୟାପକ ଶଶାଙ୍କ ଶେଖର ନାୟକ, ବିଷ୍ଣୁଚରଣ ସାହୁ, ନାରାୟଣ ସାହୁ, ଜଗନ୍ନାଥ ମହାନ୍ତ, ଅଧ୍ୟାପିକା ମନୋରମା ଦାଶ, ନମିତା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ରବି ଫସଲ ପାଇଁ ବୀମା
# ୪୫୩.୯୮ ହେକ୍ଟର ଜମିର ଆବେଦନ

**କେନ୍ଦୁଝର, ୧୧।୧ (ସମିସ):**

କେନ୍ଦୁଝର ଜିଲ୍ଲାରେ ଚଳିତ ରବି ଫସଲ ନିମନ୍ତେ ୪୫୩.୯୮ ହେକ୍ଟର ଜମିରେ ଚାଷୀମାନେ ଫସଲବୀମା ଦରଖାସ୍ତ କରିଥିବା ସୂଚନା ମିଳିଛି। ଏଥିରେ ୨୮୨୧ଜଣ ଚାଷ ଋଣକାରୀ ଏବଂ ୭୦୭ ଜଣ ଅଣ ଋଣକାରୀ ଚାଷୀ ରହିଥିବା ତଥ୍ୟ ହସ୍ତଗତ ହୋଇଛି।

ସୂଚନା ଅନୁସାରେ ଆନନ୍ଦପୁର ବ୍ଲକ ଅଞ୍ଚଳରୁ ୩୦ ଜଣ ଚାଷ ଋଣକାରୀ ଚାଷୀ ୩.୯୯ ହେକ୍ଟର ଜମି ଏବଂ ୮୩ ଜଣ ଅଣ ଋଣକାରୀ ଚାଷୀ ୬.୫୮ ହେକ୍ଟର ଜମିରେ ରବିଚାଷ ନିମନ୍ତେ ଫସଲବୀମା ଆବେଦନ କରିଛନ୍ତି। ବାଂଶପାଳ ବ୍ଲକ ଅଞ୍ଚଳର ୨୭୯ ଜଣ ଚାଷ ଋଣକାରୀ ଚାଷୀ ୪୫.୪୭ ହେକ୍ଟରରେ ଏବଂ ୧୫ ଜଣ ଅଣ ଋଣକାରୀ ଚାଷି ୨.୭୬ ହେକ୍ଟରରେ ରବିଫସଲ ବୀମା ଆବେଦନ କରିଛନ୍ତି। ଚମ୍ପୁଆ ବ୍ଲକ ଅଞ୍ଚଳର ୩୫୮ ଜଣ ଚାଷ ଋଣକାରୀ ଚାଷୀ ୩୦.୩୩ ହେକ୍ଟରରେ ଓ ୮୮ ଜଣ ଅଣ ଋଣକାରୀ ଚାଷୀ ୧୦.୬୩ ହେକ୍ଟର ଜମିରେ ରବିଫସଲ ବୀମା ଅବେଦନ କରିଛନ୍ତି। ଘଷିପୁରା ବ୍ଲକର ୫୪ଜଣ ଚାଷ ଋଣକାରୀ ୫.୨୧ ହେକ୍ଟରରେ ଓ ୨୮୯ ଜଣ ଅଣ ଋଣକାରୀ ଚାଷୀ ୧୭.୬୦ ହେକ୍ଟରରେ ରବିଫସଲ ବୀମା ଅବେଦନ କରିସାରିଛନ୍ତି। ଘଟଗାଁ ବ୍ଲକ ଅଞ୍ଚଳର ୩୭୭ ଚାଷ ଋଣକାରୀ ଚାଷୀ ୪୮.୮୮ ହେକ୍ଟର ଜମିରେ ରବିଫସଲ ନିମନ୍ତେ ପିଏମ୍‌ଏଫ୍‌ବିୱାଇ ବୀମା ଆବେଦନ କରିଛନ୍ତି। ସେହିପରି ହରିଚନ୍ଦନପୁର ବ୍ଲକର ୯୭ ଜଣ ଚାଷ ଋଣକାରୀ ଚାଷୀ ୧୫.୫୨ ହେକ୍ଟରରେ ଓ ୨୭ ଜଣ ଅଣ ଋଣକାରୀ ଚାଷୀ ୫.୫୬ ହେକ୍ଟର ଜମିରେ ଚଳିତ ରବିଫସଲ ବୀମା ଆବେଦନ କରିଥିବା ଜଣାପଡ଼ିଛି। ହାଟଡିହି ବ୍ଲକ ଅଞ୍ଚଳର ୧୧ଜଣ ଚାଷ ଋଣକାରୀ ଚାଷୀ ୩.୧୮ ହେକ୍ଟରରେ ଏବଂ ୮୧ ଜଣ ଅଣ ଋଣକାରୀ ଚାଷୀ ୯.୧୩ ହେକ୍ଟର ଜମିରେ ୨୦୨୩-୨୪ ରବିଫସଲ ବୀମା ଅବେଦନ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଝୁମ୍ପୁରା ବ୍ଲକର ୫୨୫ଜଣ ଚାଷ ଋଣକାରୀ ଚାଷୀ ୭୯.୭୨ ହେକ୍ଟରରେ ଓ ୨୨ ଜଣ ଅଣ ଋଣକାରୀ ଚାଷୀ ୩.୦୫ ହେକ୍ଟରରେ ରବି ଫସଲ ବୀମା ଆବେଦନ କରିଥିବା କୃଷି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଯୋଡା ବ୍ଲକ ଅଂଚଳରେ ୧୧ ଜଣ ଅଣ ଋଣକାରୀ ୦.୮୧ ହେକ୍ଟର ଜମିରେ ରବିଫସଲ ବୀମା ଅବେଦନ କରିସାରିଛନ୍ତି।

**ଆବେଦନକାରୀଙ୍କ ମଧ୍ୟରେ ୨୮୨୧ ଚାଷୀ ଋଣୀ**

ରବିଫସଲ ବହୁଳ ବ୍ଲକ ଭାବେ ଜଣା କେନ୍ଦୁଝର ସଦର ବ୍ଲକ ଅଂଚଳର ୬୩୪ ଜଣ ଚାଷ ଋଣକାରୀ ଚାଷୀ ୮୯.୬୨ ହେକ୍ଟର ଜମିରେ ଚଳିତ ରବିଫସଲ ପାଇଁ ଫସଲ ବୀମା ଆବେଦନ କରିସାରିଛନ୍ତି। ଏତଦଭିନ୍ନ ବୈତରଣୀ ନଦୀ ଅବବାହିକାରେ ରବିଫସଲ ବହୁଳ ପାଟଣା ବ୍ଲକ ଅଂଚଳର ୨୫୬ ଜଣ ଫସଲ ଋଣକାରୀ ଚାଷୀ ଏବଂ ୩୩.୮୬ ହେକ୍ଟର ଜମିରେ ରବିଫସଲ ବୀମା ଆବେଦନ ହୋଇଛି। ଅନ୍ୟପକ୍ଷରେ ସାହାରପଡ଼ା ବ୍ଲକ ଅଞ୍ଚଳର ୨୬ ଜଣ ଅଣ ଋଣକାରୀ ଚାଷୀ ୫.୪୦ ହେକ୍ଟର ଜମିରେ ରବିଫସଲ ନିମନ୍ତେ ବୀମା ଆବେଦନ କରିଛନ୍ତି। ସେପଟେ ତେଲକୋଇ ବ୍ଲକ ଅଞ୍ଚଳର ୨୦୦ ଜଣ ଫସଲ ଋଣକାରୀ ଚାଷୀ ୨୯.୬୧ ହେକ୍ଟର ଓ ୨୬ ଜଣ ଅଣଋଣକାରୀ ୩.୬୬ ହେ.ଚାଷ ଜମିରେ ରବି ଫସଲ ନିମନ୍ତେ ବୀମା ଆବେଦନ କରିଛନ୍ତି। ଜିଲ୍ଲାର ୧୩ ବ୍ଲକ ଅଂଚଳର ୨୮୭୧ ଫସଲ ଋଣକାରୀ ଚାଷୀ ୩୮୫.୩୯ ହେକ୍ଟରରେ ବୀମା ଅବେଦନ କରିସାରିଥିବାବେଳେ ୭୦୭ ଜଣ ଅଣ ଋଣକାରୀ ଚାଷୀ ୬୮.୫୯ ହେକ୍ଟର ଜମିରେ ରବିଫସଲ ଫସଲ ଭୀମା ଅବେଦନ କରିଥିବା ଜଣାପଡ଼ିଛି।

## ଏଟିଏମ୍ ଲୁଟେରାଙ୍କୁ କଣ୍ଟା ସାଜିଲା ବାଉଁଶ ପୋଲ

# ଧରାପଡ଼ିବା ଭୟରେ ଗାଡ଼ିଛାଡ଼ି ଫେରାର

**ଖୁଣ୍ଟା/କୁଆମରା, ୧୧।୧(ସମିସ)**

ଏଟିଏମ ଲୁଟ କରି ଫେରୁଥିଲେ ଲୁଟେରା। ବିଳମ୍ବିତ ରାତିରେ ଫେରିବା ବାଟରେ ପୁଲିସ ହାବୁଡରେ ପଡ଼ିଲେ। ଧରାପଡ଼ିଯିବା ଭୟରେ ଗାଡି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ। ଏ ଭଳି ଘଟଣା ଦେଖିବାକୁ ମିଳିଛି ଖୁଣ୍ଟା ଥାନା ଅଧୀନ ଚମ୍ପାଗଡ଼ି ଗ୍ରାମରେ। ପୁଲିସ ସୂତ୍ରରୁ ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲ୍ଲାର ସୋର ଓ ଖଇରାର ୨ଟି ଏଟିଏମ ଲୁଟ କରିଥିଲେ। ଏମାନଙ୍କ ସମ୍ପର୍କରେ ବାଲେଶ୍ୱର ପୁଲିସ ସୂଚନା ପାଇଥିଲା। ଲୁଟେରାଙ୍କୁ ଧରିବା ପାଇଁ ପାଇଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାକୁ ସୂଚନା ଦିଆଯାଇଥିଲା; ହେଲେ ଗାଡିକୁ ଧରିପାରି ନ ଥିଲେ। ପୁଲିସ ଭୟରେ ଲୁଟେରା ଟିମ ଗାଡିଟି ମୟୂରଭଞ୍ଜ ଜିଲ୍ଲାରେ ପ୍ରବେଶ କରାଇଥିଲେ। ବାଲେଶ୍ୱର ପୁଲିସ




ଏହା ଜାଣିପାରି ସଙ୍ଗେ ସଙ୍ଗେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଓ ଉଦଳା ପୁଲିସକୁ ଉକ୍ତ ଗାଡି ସମ୍ପର୍କରେ ସୂଚନା ଦେଇଥିଲା। ସୂଚନା ପାଇ ଖୁଣ୍ଟା ଆଇଆଇସି ସୁଜାତା ଖମାରୀଙ୍କ ନେତୃତ୍ୱରେ ଗଠିତ ଟିମ ଥାନା ଅଧୀନର ବିଭିନ୍ନ ଛକରେ ଜଗିରହିଥିଲେ। ବିଳମ୍ବିତ ରାତିରେ ଦାମୋଦରପୁର-ବଡସାହି ରାସ୍ତା ଦେଇ ଉକ୍ତ ଲୁଟେରା ଗ୍ୟାଙ୍ଗର ଗାଡିଟି ଯାଉଥିବାବେଳେ ଖୁଣ୍ଟା ପୁଲିସ ପିଛା କରିଥିଲା। ତେବେ ଲୁଟେରାମାନେ ପୁଲିସ ଗାଡିକୁ ଦେଖି ଚମ୍ପାଗଡ଼ି ଗ୍ରାମ ଦେଇ ଯାଇଥିବା ଗଙ୍ଗାହାର ନଦୀ ରାସ୍ତାରେ ଚମ୍ପଟ ମାରିବା ପାଇଁ ଉଦ୍ୟମ କରୁଥିବାବେଳେ ବାଉଁଶ ପୋଲ ଦେଖି ଅଟକି ଯାଇଥିଲେ। ପରେ ଲୁଟେରାମାନେ କୌଣସି ଉପାୟ ନ ପାଇ ଗାଡିଟିକୁ ଛାଡି ଅନ୍ଧାର ରାତିରେ ଫେରାର ହୋଇଯାଇଥିଲେ।

ଗୁରୁବାର ଘଟଣା ସ୍ଥଳରେ ବାଲେଶ୍ୱର ପୁଲିସ ଓ ସାଇଣ୍ଟିଫିକ୍ ଟିମ ପହଞ୍ଚି ଘଟଣାର ତଦନ୍ତ କରି ଫେରିଛି। ଗାଡି ମଧ୍ୟରେ ଥିବା ଗ୍ୟାସ କଟର, ସ୍ପ୍ରେ ଏବଂ ମାସ୍କ, ତତସହିତ ରହିଛି ଲୁଟେରାଙ୍କ ପ୍ୟାଣ୍ଟସାର୍ଟ ଆଦିକୁ ଜବତ କରିଛି ପୁଲିସ। ଜବତ ଗାଡିଟି ଖୁଣ୍ଟା ଥାନାରେ ରଖାଯାଇଛି।

## ତ୍ରିଧାରା ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ସହାୟତାର ହାତ ବଢ଼ାଇଲେ ବନଖଣ୍ଡ ଅଧିକାରୀ



**କରଞ୍ଜିଆ, ୧୧।୧(ସମିସ):** ତ୍ରିଧାରା ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ସହାୟତାର ହାତ ବଢ଼ାଇଛନ୍ତି କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ। ଏହି ସ୍ଥାନରେ ପିକନିକ ସ୍ପଟ୍ ନିର୍ମାଣ କରିବା ସହିତ ଆଗନ୍ତୁକ ବିଶ୍ରାମ ନିମନ୍ତେ ସିମେଣ୍ଟ ନିର୍ମିତ ବେଞ୍ଚ ସ୍ଥାପନା କରାଯିବ। ସେହିପରି ମଇଳା ପକାଇବା କୁଣ୍ଡ ସ୍ଥାପନ କରିଛନ୍ତି। ବନଖଣ୍ଡ ଅଧିକାରୀଙ୍କ ବଦାନ୍ୟତା ପାଇଁ ପରିବେଶବିତମାନେ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଥାଉକି ତ୍ରିଧାରାର ବିକାଶ ପାଇଁ କରଞ୍ଜିଆ ପ୍ରେସ କ୍ଲବର କର୍ମକର୍ତ୍ତା ଓ ତ୍ରିଧାରା ବିକାଶ ମଞ୍ଚର ଉଦ୍ୟମ ଯୋଗୁଁ ଏହି ସ୍ଥାନ ପର୍ଯ୍ୟଟନସ୍ଥଳର ମାନ୍ୟତା ଦାବି ହୋଇଆସୁଥିଲା। ଏଥିପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଶ୍ରୀ ନାୟକ ତ୍ରିଧାରାରେ ବୃକ୍ଷରୋପଣ କରିବା ସହିତ କିଛି ମଇଳା ପକାଇବା କୁଣ୍ଡ ଓ ସିମେଣ୍ଟ ବେଞ୍ଚ ସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶୃତି ଦେବାର ୨୪ ଘଣ୍ଟା ନ ପୂରୁଣୁ ସେ ତାଙ୍କ ପ୍ରତିଶୃତି ପାଳନ କରିଛନ୍ତି। ଏଠାକୁ ବାରମାସ ପର୍ଯ୍ୟଟକମାନେ ଆସିଥାନ୍ତି।

## ଅଶନବଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଠାକୁରମୁଣ୍ଡା, ୧୧।୧(ସମିସ):** ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣୀ ପଞ୍ଚାୟତ ଅନ୍ତର୍ଗତ ଅଶନବଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ମୁଖ୍ୟବକ୍ତା ଭାବେ ରସାମତଳା ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚନ୍ଦନ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ, ଏବିଇଓ ସନ୍ତୋଷ କୁମାର ମିଶ୍ର, ଦିଲ୍ଲୀପ କୁମାର ଧଳ, ସମିତି ସଭ୍ୟା ସୁଶ୍ରୀ ଜିଙ୍ଗୀ ଯାମୁଦା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜୟରାମ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁଶଳ କୁମାର ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଦୀପକ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ବାରିକ ଅତିଥି ପରିଚୟ ଓ ଦିବାକର ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




## ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ବଡ଼ସାହି, ୧୧।୧(ସମିସ):** ବଡ଼ସାହି ବ୍ଲକ ସ୍ତରରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଆକାଶ କୁମାର ପଣ୍ଡାଙ୍କ ଆହ୍ୱାନ କ୍ରମେ ବ୍ଲକ ଅଧ୍ୟକ୍ଷା ମିନତି ସିଂହଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ରଣଜିତ୍ କୁମାର ଦାସ୍ ମଞ୍ଚାସୀନ ଥାଇ ସଭିଙ୍କୁ ସ୍ୱାଗତ କରିଥିଲେ। ଏବିଇଓ ରାଧିଆ ଚରଣ ମୁଣ୍ଡା ମଧ୍ୟ ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସଦସ୍ୟ ରାଜେନ୍ଦ୍ର କୁମାର ଜେନା, ବଙ୍କିମ ବିହାରୀ ପାତ୍ର, ସୁବାସିନୀ ପତି ଓ କୋଷାଧ୍ୟକ୍ଷ କୃପାସିନ୍ଧୁ ବେରା ନିଜର ଅଭିମତ ରଖିଥିଲେ। ପରମ୍ପରା ଅନୁସାରେ



ଏଥର କାର୍ଯ୍ୟକ୍ରମରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ବଡ଼ସାହି ଗାନ୍ଧୀଛକସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସଂଲଗ୍ନ ପତାକା ପୀଠରେ ତହସିଲଦାର ପତାକା ଉତ୍ତୋଳନ କରିବାର କାର୍ଯ୍ୟକ୍ରମ ରହିଛି। ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବରୁ ବିଦ୍ୟାଳୟ ସ୍ତରୀୟ ପିଲାମାନଙ୍କ ମଧ୍ୟରେ ସହ ଶୈକ୍ଷିକ ବିଷୟ ଭିତ୍ତିକ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯିବ। ଲଳିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବଣିକ ସଂଘ ନିର୍ବାଚନ ବିବାଦ ନେଇ ସାମ୍ବାଦିକ ସମ୍ମିଳନୀ

# ଅନିୟମିତତା ଓ ମନମୁଖି ଅଭିଯୋଗକୁ ଖଣ୍ଡନ କଲା ସଂଘ




**ଉଦଳା, ୧୧।୧(ସମିସ) :** କପ୍ତିପଦା ଉପଖଣ୍ଡର ବ୍ୟାବସାୟିକ ପେଣ୍ଠସ୍ଥଳ ଭାବେ ଉଦଳା ସହର ଜଣାଶୁଣା। ଏଠାରେ ଥିବା ବିଭିନ୍ନ ଦୋକାନ ବା ବ୍ୟବସାୟ ପ୍ରତିଷ୍ଠାନକୁ ନେଇ ଏକ ବଣିକ ସଂଘ ରହିଛି। ଏହି ସଂଘ ପଞ୍ଜୀକୃତ ହୋଇଥିବାବେଳେ ସଂଘୀୟ ବ୍ୟବସ୍ଥା ମଧ୍ୟରେ କାର୍ଯ୍ୟକର୍ତ୍ତା ନିର୍ବାଚିତ ହେବାର ପ୍ରକ୍ରିୟା ରହିଛି। ହେଲେ ତିନି ବର୍ଷ ଧରି ସଂଘର କାର୍ଯ୍ୟ କାଳ ଶେଷ ହୋଇଥିଲେ ମଧ୍ୟ ଏ ଯାଏ ନିର୍ବାଚନ ହୋଇପାରିନାହି ବୋଲି ପୂର୍ବତନ ସଭାପତି ଅଭିଯୋଗ କରିଛନ୍ତି। ତେବେ ଏହାର ପ୍ରତିବାଦ କରି ଆଜି ବଣିକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିଲା। ସମ୍ମିଳନୀରେ ପୂର୍ବତନ ସଭାପତିଙ୍କ ଅଭିଯୋଗ ଭିତ୍ତିହୀନ ଓ ତଥ୍ୟହୀନ ବୋଲି ସଂଘ ପକ୍ଷରୁ କୁହାଯାଇଛି। ପୂର୍ବତନ ସଭାପତିଙ୍କ ସମୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଡ଼ିଟ ରିପୋର୍ଟରୁ ସ୍ପଷ୍ଟ ହୋଇଛି ବୋଲି ତଥ୍ୟ ଉପସ୍ଥାପନ କରାଯାଇଛି। କରୋନା ଯୋଗୁଁ ନିର୍ବାଚନ କରାଯାଇ ନ ଥିବା ସଂଘର କାର୍ଯ୍ୟ କାରିଣୀ ବୈଠକରେ ନିଷ୍ପତ୍ତି ହୋଇଥିବା ସୂଚନା ଦିଆଯାଇଛି। ଗତ ମଙ୍ଗଳବାର ଉଦଳା ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳା ପରିସରରେ ପୂର୍ବତନ ସଭାପତି ସୋମନାଥ ସାହୁଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସଭାପତି, ସମ୍ପାଦକ ଏବଂ ଅସନ୍ତୁଷ୍ଟ ବ୍ୟବସାୟୀ ସଂଘର କାର୍ଯ୍ୟ କାଳ ଶେଷ ହୋଇଥିଲାବେଳେ କାର୍ଯ୍ୟକର୍ତ୍ତା ବେଆଇନ ଭାବେ ସଙ୍ଘର ନିୟମ ଉଲ୍ଲଂଘନ କରି କାର୍ଯ୍ୟ କରୁଥିବା ଅଭିଯୋଗ ଆଣିଥିଲେ। ଦୋକାନ ଘର ଏବଂ ଭେଣ୍ଡିଂ ଜୋନ ବଣ୍ଟନରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ କରିଥିଲେ। ଏହାକୁ ସଂଘ ଖଣ୍ଡନ କରିଛି ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘ ସଭାପତି ରବୀନ୍ଦ୍ର ପରିଡ଼ା, ସମ୍ପାଦକ ଧୀରେନ୍ଦ୍ର ଖଣ୍ଡେଲବାଲ, କେଶବ ବେହେରା, ଗଣେଶ୍ୱର ବାରିକ, ମୃଗାଙ୍କ ମହାନ୍ତି, ଉପଦେଷ୍ଟା ପ୍ରଭାତ ପରିଡ଼ା ଓ ବିଭୂତି ମହାନ୍ତି ପ୍ରମୁଖ କହିଛନ୍ତି।

## କ୍ୟାଣ୍ଟର-କଣ୍ଟେନର ଧକ୍କା; ଛେଳି ଲୁଟିନେଲେ ସ୍ଥାନୀୟ ଲୋକେ

**ବୈଶିଙ୍ଗା, ୧୧।୧ (ସମିସ):** ବୈଶିଙ୍ଗା ଥାନା ପଦ୍ମନାଭପୁର ଟୋଲ ଗେଟ ନିକଟରେ ଏକ କ୍ୟାଣ୍ଟର ଡିଭାଇଡର ଉପରେ ଚଢି ଅନ୍ୟ ଏକ କଣ୍ଟେନରକୁ ଶକ୍ତ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆଜି ସନ୍ଧ୍ୟାରେ ପଶ୍ଚିମବଙ୍ଗରୁ ୪୫ଟି ଛେଳି ବୋଝେଇ କରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କ୍ୟାମ୍ପର ଭାରସାମ୍ୟ ହରାଇ ପଦ୍ମନାଭପୁର ଛକ ନିକଟରେ ଡିଭାଇଡର ଉପରେ ଚଢି ଯାଇଥିଲା। ଅପରପାର୍ଶ୍ୱ ରାସ୍ତାରେ ଜାମସେଦପୁର ଅଭିମୁଖେ ଯାଉଥିବା ଏକ କଣ୍ଟେନରକୁ ଧକ୍କା ଦେଇଥିଲା। ପରେ ଉଭୟ ଗାଡ଼ି ରାସ୍ତା ଉପରେ ଓଲଟି ପଡ଼ିଥିଲା। ହେଲେ ଗାଡି ଦୁର୍ଘଟଣା ହେବା ଖବର ପ୍ରଚାର ହେବା ପରେ ସ୍ଥାନୀୟ ଲୋକ କ୍ୟାଣ୍ଟରର କବାଟ ଭାଙ୍ଗି ଛେଳି ସବୁ ବୋହି ନେଇ ପଳାଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଚଳାଇଛି।

## ଭଡାଘରେ ଚାଲିଥିଲା ଦେହ ବ୍ୟବସାୟ

## ୬ ଅଟକ; ଆପତ୍ତିଜନକ ସାମଗ୍ରୀ ଉଦ୍ଧାର

**ସାରସକଣା/ଜାମଶୋଳା, ୧୧।୧(ସମିସ):** ଝାରପୋଖରିଆ ଷ୍ଟେଟ ବ୍ୟାଙ୍କ ପଛ ଦୁର୍ଗା ପୂଜା କଲୋନୀ ବସ୍ତିରେ ଏକ ଭଡା ଘରେ ଚାଲିଥିବା ଏକ ସେକ୍ସ ରାକେଟ ଠାବ ହୋଇଛି। ଏହି ର୍ୟାକେଟ୍‌ରେ ପୁଲିସ ଦୁଇ ପୁଅ ଏବଂ ଦୁଇ ଝିଅଙ୍କୁ ଉଦ୍ଧାର କରିବା ସହିତ ୪ଜଣଙ୍କୁ ଅଟକ ରଖିଛି। ଏଥିସହିତ ପୁଲିସ ଘଟଣାସ୍ଥଳରୁ ବହୁ ଆପତ୍ତିଜନକ ସାମଗ୍ରୀ ମଧ୍ୟ ଜବତ କରିଛି। ସୂଚନାଯୋଗ୍ୟ, ଶାର୍ଷା ଗ୍ରାମ ପଞ୍ଚାୟତର ଜଣେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ବମ୍ବେଛକ ଷ୍ଟେଟ ବ୍ୟାଙ୍କ ପଛରେ ସରକାରୀ ଜମିରେ କରିଥିବା ଘରକୁ ଭଡାରେ ଦେଇଛନ୍ତି। ତେବେ ଏହି ଭଡାଘରେ ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗ ହେଉଥିଲା। ଆନ୍ତଃ ରାଜ୍ୟର ଯୁବତୀଙ୍କୁ ଆଣି ଦେହବେପାର ଚଳାଉଥିଲେ ଜଣେ ମହିଳା। ମହିଳା ଜଣକ ଉକ୍ତ ଘରେ ଭଡାରେ ରହୁଥିଲେ; କିନ୍ତୁ ଘରମାଲିକଙ୍କ ସହିତ ସେ ଦେହବ୍ୟବସାୟ ଚଳାଉଥିଲେ। ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରୁଥିଲେ ହେଁ ସେମାନଙ୍କୁ ନାଲି ଆଖିର ଧମକ ଦେଖାଇ ଓ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ହାତବାରିସି କରି ଚଳାଇଥିବା ଦେହବ୍ୟବସାୟ। ବାହାର ରାଜ୍ୟର ଯୁବତୀଙ୍କୁ ଆଣି ମହିଳା ଜଣକ ଏହି ସେକ୍ସ ର୍ୟାକେଟ୍ ଚଳାଉଥିବା ଜଣାପଡ଼ିଛି। ଗୁରୁବାର ସକାଳ ୧୦ଟାରେ ପୁଲିସ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଉକ୍ତ ଭଡାଘରେ ଚଢଉ କରି ଦୁଇଜଣ ଯୁବତୀଙ୍କୁ ଉଦ୍ଧାର କରିବା ସହିତ ବହୁ ଆପତ୍ତିଜନକ ସାମଗ୍ରୀ ଘଟଣାସ୍ଥଳରୁ ଜବତ କରିଛି। ଏହି ଘଟଣାରେ ସାମିଲ ଥିବା ଦୁଇପୁଅ, ଦୁଇଝିଅ ଏବଂ ଦୁଇ ମହିଳାଙ୍କୁ ଝାରପୋଖରିଆ ଥାନାରେ ଅଟକ ରଖି ପଚରାଉଚରା କରୁଛି ପୁଲିସ।

## ମକର ପାଇଁ କରଞ୍ଜିଆ ସହର ଚଳଚଞ୍ଚଳ

**କରଞ୍ଜିଆ, ୧୧।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ପାଇଁ କରଞ୍ଜିଆ ଚଳଚଞ୍ଚଳ ହୋଇଉଠିଛି। ଏହି ପର୍ବ ପାଳନ କରିବା ପାଇଁ ଚାଷୀ ବର୍ଷେ ଅପେକ୍ଷା କରିଥାନ୍ତି। ଏହି ପର୍ବରେ ସମସ୍ତଙ୍କ ଘରେ ପିଠା ପଣା ଆସର ଜମିଥାଏ। ଘରର ସମସ୍ତ ସଦସ୍ୟ ନୂଆ ବସ୍ତ୍ର ମଧ୍ୟ ପରିଧାନ କରିଥାନ୍ତି। ପର୍ବ ପାଇଁ ଲୋକେ ଜିନିଷ କିଣିବାକୁ ଅପେକ୍ଷା କରିଥାନ୍ତି। ଆଜି ସାପ୍ତାହିକ ହାଟରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ଦୋକାନରେ ଲୋକଙ୍କ ଭିଡ ହେବା ଦେଖାଯାଇଥିଲା। ସେପଟେ ମହାନ୍ତ ଲଳନା ମାନେ ଟୁସୁ ମୂର୍ତ୍ତି କିଣିବାକୁ ଦୋକାନରେ ଭିଡ଼ ଜମାଇଥିଲେ। ଗ୍ରାମାଞ୍ଚଳରୁ ଆସିଥିବା ଲୋକେ ହାଟରୁ ଜିନିଷ କିଣିବାକୁ ପସନ୍ଦ କରିଥାନ୍ତି। କାରଣ ଏହି ସମୟରେ ବାହାର ରାଜ୍ୟରୁ ଆସିଥିବା ବ୍ୟବସାୟୀମାନେ ସାମଗ୍ରୀ ଶସ୍ତାରେ ଦେଇଥାନ୍ତି। ତେଣୁ ଆଜି ପ୍ରବଳ ଭିଡ଼ ହୋଇଥିଲା।

## ପାଣି ପାଇଁ ବ୍ଲକ୍ ଘେରିଲେ ମହିଳା



**ବିଜାତଳା, ୧୧।୧(ସମିସ):** ମାଣିକପୁର ପଞ୍ଚାୟତର ବାନ୍ଧଗାଁ ପାଣି ସମସ୍ୟା ନେଇ ମହିଳାମାନେ ବ୍ଲକ ଘେରାଉ କରିଥିଲେ। ନଳକୂପ ଅଚଳ ପରେ ଗାଁ ଲୋକେ ଗଡ଼ିଆ ପାଣି ପିଉଥିଲେ। ଏ ନେଇ ବହୁ ଦାବି କରାଯାଇଥିଲେ ମଧ୍ୟ ପ୍ରଶାସନ ତଥା ରାଜନେତାମାନେ ଲୋକଙ୍କ ଦାବିକୁ କର୍ଣ୍ଣପାତ କରୁନଥିଲେ। ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଆଜି ବାଧ୍ୟହୋଇ ମହିଳାମାନେ ଗରା ବାଲ୍‌ଟି ଧରି ବ୍ଲକ ଘେରାଉ କରିଥିଲେ। ଏହି ଖବର ପାଇ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଶୀଘ୍ର ନଳକୂପ ମରାମତି କରିବା ପାଇଁ ମିସ୍ତ୍ରି ବ୍ୟବସ୍ଥା କରିବା ପରେ ଉତ୍ତ୍ୟକ୍ତ ମହିଳାମାନେ ଗାଁକୁ ଫେରିଥିଲେ।

## ଉଠାସେଚ ବିଭାଜନ ପକ୍ଷରୁ ପ୍ରତିଯୋଗିତା

**କରଞ୍ଜିଆ, ୧୧।୧(ସମିସ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉଠା ଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ କରଞ୍ଜିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଭାଜନ ସ୍ତରୀୟ ପ୍ରବନ୍ଧ, ବୋକ୍ତୃତା, ଚିତ୍ରାଙ୍କନ, ମଡେଲ ପ୍ରଦର୍ଶନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଅତିଥି ଭାବେ କରଞ୍ଜିଆ ବିଇଓ ନିରଞ୍ଜନ ଦଳେଇ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ବିକ୍ରମାଦିତ୍ୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକ ଭାବେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୁ ପ୍ରସାଦ ମହାନ୍ତି, ଅଭିଜିତ ପୂର୍ତ୍ତି, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବେହେରା, ଗୌରୀ ଶଙ୍କର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

## କୀଟନାଶକ ଖାଇ ବୃଦ୍ଧ ମୃତ

**ରାଇରଙ୍ଗପୁର, ୧୧।୧(ସମିସ):** ଗୋରୁମହିଷାଣି ଥାନା ସାପଘରା ଗାଁରେ ପରିବାରିକ କଳହରୁ ଜଣେ ବୃଦ୍ଧ ଉତ୍ତ୍ୟକ୍ତ ହୋଇ ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ପରେ ତାଙ୍କୁ ପରିବାର ଲୋକେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଉଛନ୍ତି ଭଗତ ମାଝୀ। ଖବର ପାଇ ପରେ ଗୋରୁମହିଷାଣି ଥାନା ପୁଲିସ ମୃତଦେହକୁ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ବିଶୋଇରେ ଅର୍ପଣ ରଥ ପରିକ୍ରମା



**ବିଶୋଇ, ୧୧।୧ (ସମିସ) :** ବିଶୋଇ ପଞ୍ଚାୟତରେ ଆଜି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ ପରିକ୍ରମା କରିଛି। ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା, ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ୱାର୍ଡସଭ୍ୟ ବିବେକାନନ୍ଦ ଦାଶ, ଦୀପ୍ତିମୟୀ ରାଜ, ସତ୍ୟଭାମା ଦେଓ, ଗାୟତ୍ରୀ ସାହୁ ଓ ବିଏଲଏଫ ସଭାପତି ଚନ୍ଦ୍ରିକା ମହାନ୍ତିଙ୍କ ଉପସ୍ଥିତିରେ ହାଟସାହି ସଂକୀର୍ତ୍ତନ ମଣ୍ଡପରୁ ଏହି ରଥର ଶୁଭାରମ୍ଭ କରାଯାଇଥିଲା। ଏହି ରଥ ଆଜି ବିଶୋଇ ପଞ୍ଚାୟତର ୭ଟି ଗ୍ରାମ ପରିକ୍ରମା କରିଥିଲା। ହଜାର ହଜାର ସଂଖ୍ୟକ ଗ୍ରାମବାସୀ ଗାଁ ଦାଣ୍ଡରେ ମୁରୁଜ ପକାଇ ହୁଳହୁଳି, ଶଙ୍ଖନାଦ ଦେଇ ଏହି ରଥକୁ ଭବ୍ୟ ସ୍ୱାଗତ କରିଥିଲେ। ପ୍ରତ୍ୟେକ ଘରୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭକ୍ତମାନେ ଗୁଆ ଓ ଚାଉଳ ଭକ୍ତି ସ୍ୱରୂପ ରଥକୁ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାମଲାଲ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ରବୀନ୍ଦ୍ର ବିନ୍ଧାଣି, ଉତ୍କଳ ରଞ୍ଜନ ମହାନ୍ତି, ଧନେଶ୍ୱର ମହାନ୍ତ, ସନ୍ତୋଷ ମହାପାତ୍ର, ଜିପିଏଲଏଫ ସଦସ୍ୟା ସମସ୍ତ ସାମିଲ ଥିଲେ।

## ହାଟବାଦଡାରେ ସଡ଼କ ସୁରକ୍ଷା ସଚେତନତା

**ରାଇରଙ୍ଗପୁର/ଉପରବେଡା, ୧୧।୧(ସମିସ):** କୁସୁମୀ ବ୍ଲକ ହାଟବାଦଡାଠାରେ ଟିପିଏନଓଡିଏଲ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଏସ୍‌ଡିଓ ଚିରଞ୍ଜିତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି କାରଗିଲ ଛକ ଦେଇ ହାଟବାଦଡା ବଜାର ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ସଚେତନତା, କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଇଂ. ପାର୍ଥସାରଥୀ ଦାସ, ଏସ୍‌ଡିଓ ଇଂ. ଚିରଞ୍ଜିବୀ ସାହୁ, ଡିଭିଜନ ମୁଖ୍ୟ ସେଫଟି ଅଫିସର ଚୌଧୁରୀ ନିର୍ମଳ ପ୍ରସାଦ, କନିଷ୍ଠ ଯନ୍ତ୍ରୀ ଏମ୍ ପ୍ରସାଦ ରାୟ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଗାଡ଼ି ସଡ଼କ ସୁରକ୍ଷା ନିୟମ ମାନି ଗାଡି ଚଳାଇବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ସୁଶାନ୍ତ କୁମାର ପାତ୍ର, ସୁମିତ୍ରା ଟୁଡୁ, ଦାନଗି ହାଁସଦା, ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଲ, ପୁଷ୍ପାମଞ୍ଜରୀ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ନେଇଗଲେ ଦୁର୍ବୃତ୍ତ

**କରଞ୍ଜିଆ, ୧୧।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ହେଉଛି ମକର। ମକର ପାଇଁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସମସ୍ତ ହାଟ, ବଜାରରେ ଏବେଠାରୁ ଗହଳି ହେଲାଣି। ଏହାର ସୁଯୋଗ ନେଇ ଲୁଟେରାମାନେ ଲୁଟିଥାନ୍ତି। ଏପରି ଏକ ଘଟଣା ଘଟିଛି କରଞ୍ଜିଆ ସହରରେ। କେନ୍ଦୁଜୁଆଣି ଅଞ୍ଚଳ ଯୋଡିବିଲ ଗ୍ରାମର ସହଦେବ ମହାନ୍ତ କରଞ୍ଜିଆ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରୁ ୯୬ ହଜାର ଟଙ୍କା ଉଠାଣ କରି ବାଇକ୍ ଡିକିରେ ରଖି ବଜାରରେ ଜିନିଷ କିଣୁଥିଲେ। ଏହାର ସୁଯୋଗ ନେଇ ଲୁଟେରାମାନେ ତାଙ୍କ ବାଇକ ଡିକି ଭାଙ୍ଗି ସମସ୍ତ ଟଙ୍କାକୁ ଲୁଟି ନେଇ ପଳାଇଛନ୍ତି। ଏ ନେଇ ସେ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ





**ବାରିପଦା, ୧୧।୧(ସମିସ)**

ବାରିପଦା ପୌରପାଳିକା ୱାର୍ଡ ନମ୍ବର ୩, ୧୨, ୧୮ ଓ ୨୪ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ ପରିକ୍ରମା କରିଛି। ହଜାର ହଜାର ସଂଖ୍ୟାରେ ୱାର୍ଡବାସୀ ଉପସ୍ଥିତ ରହି ନାମ କୀର୍ତ୍ତନରେ ରଥକୁ ଭବ୍ୟ ସ୍ୱାଗତ କରିଛନ୍ତି। ମହିଳାଙ୍କ ଶଙ୍ଖ ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ରଥ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାନୀୟ ଲୋକମାନେ ଉପସ୍ଥିତ ରହି ଗୁଆ ଓ ଚାଉଳ ଭକ୍ତି ସ୍ୱରୂପ ରଥକୁ ଅର୍ପଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ରଥ ବାରିପଦା ପୌରପାଳିକାର ବିଭିନ୍ନ ୱାର୍ଡ ପରିକ୍ରମା କରିସାରିଥିବା ବେଳେ ଜାନୁଆରୀ ୧୪ ତାରିଖ ପର୍ଯ୍ୟନ୍ତ ରଥ ଅନ୍ୟ ୱାର୍ଡଗୁଡିକ ପରିକ୍ରମା କରିବ। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ଼ଃ ଦେବାଶିଷ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୌର ନିବର୍ାହୀ ଅଧିକାରୀ ବସନ୍ତ କୁମାର ସେଠୀ, ୱାର୍ଡର କାଉନସିଲର ଦେବାଶିଷ ପାତ୍ର ଏବଂ ଅନ୍ୟାନ୍ୟ ୱାର୍ଡର କାଉନସିଲର ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

